بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 01-02

ବାର୍ଷିକ ଦେୟ : 600/-

02-09 ସୁଲହ୍ 1446 ହି.କ, 02-09 ରଜବ୍ 1404 ହି.ଶ, 02-09 Jan 2025 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

هُوَالَّذِیۡ جَعَلَ لَکُمُ الَّیۡلَ لِتَسۡکُنُوۡا فِیۡہِ وَالنَّہَارَ مُبۡصِرًا ؕ اِنَّ فِیۡ ذٰلِکَ لَاٰیٰتٍ لِّقَوۡمٍ یَّسۡمَعُوۡنَ

(ୟୁନୁସ୍ : 68)

ଅନୁବାଦ: ସେ ହିଁ ତୁମମାନଙ୍କ ପାଇଁ ରାତିକୁ ଏଥି ସକାଶେ ସୃଷ୍ଟି କରିଛନ୍ତି ଯଦ୍ୱାରା ତୁମେମାନେ ତହିଁରେ ବିଶ୍ରାମ କରି ପାରିବ ଏବଂ କାର୍ଯ୍ୟ କରିବା ପାଇଁ ଦିନିକୁ ଆଲୋକିତ କରିଛନ୍ତି । ଯେଉଁ ଲୋକମାନେ ଏହି ସତ୍ୟବାଣୀକୁ ଶୁଣନ୍ତି ସେମାନଙ୍କ ପାଇଁ ନିଶ୍ଚୟ ଏଥିରେ ନିଦର୍ଶନମାନ ରହିଅଛି ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ବିଲ କିମ୍ବା ବୃକ୍ଷରୁ ପକ୍ଷୀମାନେ ଯଦି କୌଣସି ଶସ୍ୟାହାର ଓ ଫଳମୂଳ ସେବନ (ଖାଆନ୍ତି) ତେବେ ସେ ପରିପ୍ରେକ୍ଷୀରେ ମନୁଷ୍ୟକୁ ପୁଣ୍ୟ ଏହାର ମିଳିଥାଏ ।**

**(2320)** ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି: ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଯେଉଁ ମୁସଲମାନ ବ୍ୟକ୍ତି ବୃକ୍ଷ ରୋପଣ କରେ କିମ୍ବା ଚାଷ କାର୍ଯ୍ୟ କରେ । ପୁନଶ୍ଚ ସେହି ବୃକ୍ଷରୁ ଏବଂ ଚାଷ ଜମିରୁ ଯଦି କୌଣସି ପକ୍ଷୀ, ମନୁଷ୍ୟ କୁମ୍ବା କୌଣସି ଚତୁସ୍ପଦ ପ୍ରାଣୀ ଶସ୍ୟାହାର ଏବଂ ଫଳମୂଳ ସେବନ କରନ୍ତି ତେବେ ଉକ୍ତ ଚାଷ ଏବଂ ବୃକ୍ଷ ସେହି ବ୍ୟକ୍ତି ନିମନ୍ତେ ପୁଣ୍ୟର କାରଣ ହୋଇଯିବ ।

**ସୁରକ୍ଷା କିମ୍ବା ନିରୀକ୍ଷଣ (ଘର କିମ୍ବା ବିଲକୁ ଜଗିବା ନିମନ୍ତେ) ସକାଶେ କୁକୁର ପାଳିବା ନିମନ୍ତେ ଅନୁମତି :**

**(2322)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲେ କରୀମ୍ ସ.ଅ କହିଲେ: "ଯେଉଁ ବ୍ୟକ୍ତି ବିଷ୍ଟାଭୁକ୍ ଅର୍ଥାତ୍ କୁକୁର ପାଳିଲା ସେହି ବ୍ୟକ୍ତିର କର୍ମରୁ ପ୍ରତ୍ୟେକ ଦିନ ଗୋଟିଏ କିରାତ୍ ଅର୍ଥାତ୍ (ପର୍ବତ ତୁଲ୍ୟ ପୁଣ୍ୟକର୍ମ) ହ୍ରାସ ପାଇବ । କିନ୍ତୁ ଯେଉଁ ବ୍ୟକ୍ତି ଚାଷକାର୍ଯ୍ୟ ଏବଂ ଫସଲ ଜଗିବା ନିମନ୍ତେ କିମ୍ବା ପଶୁମାନଙ୍କର ସୁରକ୍ଷା ସକାଶେ କୁକୁର ପାଳିଲା ତେବେ ତା' ନିମନ୍ତେ ଅନୁମତି ରହିଛି ।"

**(2323)** ରସୁଲୁଲ୍ଲାଃ ସ.ଅ କହିଲେ, "ଯେଉଁ ବ୍ୟକ୍ତି ଏପରି କୁକୁର ପାଳିଲା ଯେ, ସେହି କୁକୁର ବ୍ୟକ୍ତିକୁ ନା ଲାଭ ପହଞ୍ଚାଏ ଓ ନା ହିଁ ସେହି କୁକୁର ଛେଳୀମାନଙ୍କୁ ସୁରକ୍ଷା ଦିଏ । ତେବେ ସେପରିପ୍ରେକ୍ଷୀରେ ପ୍ରତ୍ୟେକ ଦିନ ସେହି ବ୍ୟକ୍ତିର ପୁଣ୍ୟ କର୍ମରୁ ଏକ କିରାତ୍ (ଏକ ପର୍ବତ) (ଏଠାରେ କିରାତର ଅର୍ଥ ପର୍ବତ ପରି ଥିବା ବ୍ୟକ୍ତିର ସୁକର୍ମ) ପୁଣ୍ୟ କର୍ମ ହ୍ରାସ ପାଇବ ।" **(ସହି ବୁଖାରୀ, ଭାଗ-3, କିତାବୁଲ୍ ହରସା ୱଲ୍ ମୁଜାରିଅତା, ପ୍ରକାଶନ ସ୍ଥାନର-2008 ମସିହା କାଦିୟାନ୍)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମନୁଷ୍ୟ ଉପରେ ଯେପର୍ଯ୍ୟନ୍ତ ମୃତ୍ୟୁ ଆସିଯାଇ ନାହିଁ ଏବଂ ଯେପର୍ଯ୍ୟନ୍ତ ମନୁଷ୍ୟ ନାନା ପ୍ରକାରର ପରିବର୍ତ୍ତନ ଓ ବିପ୍ଳବ ମଧ୍ୟ ଦେଇ ଗତି କରି ନାହିଁ ସେପର୍ଯ୍ୟନ୍ତ ସେ ମାନବିକତାର ପ୍ରକୃତ ଅଭିପ୍ରାୟକୁ କଦାପି ପ୍ରାପ୍ତ କରି ପାରିବ ନାହିଁ ।**

**ସମସ୍ତ ମନୁଷ୍ୟମାନେ ଉଦାହରଣ ଓ ଆଦର୍ଶର ଅଭିଳାଷୀ ଅଟନ୍ତି । ସେହି ଉଦାହରଣ ଏବଂ ଆଦର୍ଶ ହେଉଛି ଅବତାରତଙ୍କ ଅସ୍ତିତ୍ୱ ।**

**ବୈଅତ୍‌ର ସାରମର୍ମକୁ ଆହରଣ କରିବାକୁ ଉଦ୍ୟମ କର :**

ତୁମେମାନେ ଏହା ଭାବ ନାହିଁ ଯେ, କେବଳ ବୈଅତ୍ କରିଦେବା ଦ୍ୱାରା ଈଶ୍ୱର ପ୍ରସନ୍ନ ହୋଇଯିବେ । ଏହା କେବଳ ବକ୍କଳ ଅର୍ଥାତ୍ ବାହ୍ୟ ଅଂଶ ଅଟେ । ସାରତତ୍ତ୍ୱ ବୈଅତ୍ ମଧ୍ୟରେ ନିହିତ ରହିଛି । ପ୍ରକୃତିର ଅଧିକାଂଶ ନିୟମ ଏହିପରି ଯେ, ବକ୍କଳ ମଧ୍ୟରେ ସାରତତ୍ତ୍ୱ ନିହିତ ରହିଥାଏ । ବକ୍କଳର କୌଣସି ମୂଲ୍ୟ ନଥାଏ ଓ ବକ୍କଳର କୌଣସି ଉପଯୋଗୀତା ନଥାଏ । ବରଂ ସାରତତ୍ତ୍ୱକୁ ହିଁ ଗ୍ରହଣ କରାଯାଇଥାଏ । ଯେପରି କୁକୁଡ଼ାର ଫମ୍ପା ଅଣ୍ଡା ଭିତରେ ଯଦି କେସର ଓ ଧଳା ଅର୍ଥାତ୍ ପୌଷ୍ଟିକ ଅଂଶ ନଥାଏ ତେବେ ସେହି ଅଣ୍ଡାଟି ମୂଲ୍ୟହୀନ ଅଟେ । ସେହି ଅଣ୍ଡାକୁ ଫୋପାଡ଼ି ଦିଆଯାଇଥାଏ । ହଁ ସେହି ଅଣ୍ଡାଟି କୌଣସି ବାଳକ ନିମନ୍ତେ କ୍ରୀଡ଼ାର ମାଧ୍ୟମ ହୋଇଯାଇ ପାରେ ।

ଠିକ୍ ସେହିପରି ମନୁଷ୍ୟମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତି ମାନେ ମଧ୍ୟ ଅଛନ୍ତି ଯେଉଁମାନଙ୍କ ମସ୍ତିଷ୍କରେ କୌଣସି ସାରତତ୍ତ୍ୱ (ବୁଦ୍ଧି ବିବେକ) ନଥାଏ । ଅର୍ଥାତ୍ ଏପରି ମନୁଷ୍ୟମାନେ ଅଛନ୍ତି ଯେଉଁମାନେ ବୈଅତ୍ ଏବଂ ବିଶ୍ୱାସର ଦାବି ତ' କରି ଥାଆନ୍ତି । କିନ୍ତୁ ଯଦି ଉପରୋକ୍ତ 2ଟି କଥାର ସାରତତ୍ତ୍ୱ ନିଜ ମଧ୍ୟରେ ରଖନ୍ତି ନାହିଁ ତେବେ ଏଥିପ୍ରତି ଭୟ ପ୍ରଦର୍ଶନ କରିବା ଉଚିତ୍ । ଏପରି ଏକ ସମୟ ମଧ୍ୟ ଆସିବ ଯେତେବେଳେ ସେମାନେ ସେହି ଫମ୍ପା ଅଣ୍ଡା ପରି ସାମାନ୍ୟ ଆଘାତ ବାଜିବା ପଳରେ ଭାଙ୍ଗି ଚୁରମାର ହୋଇଯିବେ ଓ ସେହି ଫମ୍ପା ଅଣ୍ଡାକୁ ଯେମିତି ଫିଙ୍ଗି ଦିଆଯାଏ ଠିକ୍ ସେହିପରି ସେମାନଙ୍କୁ ମଧ୍ୟ ଫିଙ୍ଗି ଦିଆଯିବ । ସେହିପରି ଯେଉଁ ବ୍ୟକ୍ତି ବୈଅତ୍ ଏବଂ ବିଶ୍ୱାସର ଦାବି କରେ ସେହି ବ୍ୟକ୍ତି ନିଜେ ଉଣ୍ଡିବା ଉଚିତ୍ ଅର୍ଥାତ୍ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ଯେ, ସେ ବକ୍କଳ ଅଟେ ନା ସାରତତ୍ତ୍ୱ ? ଯେପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ସାରତତ୍ତ୍ୱ ସୃଷ୍ଟି ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ବିଶ୍ୱାସ, ପ୍ରେମ, ଆଜ୍ଞାନୁବର୍ତ୍ତୀ, ବୈଅତ୍ (ଦୀକ୍ଷା), ଆସ୍ଥା, ଶିଷ୍ୟତ୍ୱ ଓ ଇସ୍‌ଲାମ୍ ଧର୍ମର ଦାବିକର୍ତ୍ତା ବ୍ୟକ୍ତି ପ୍ରକୃତ ଦାବିକାରୀ ବ୍ୟକ୍ତି ବିବେଚିତ ହୋଇ ପାରିବ ନାହିଁ। ମନେରଖ ! ଏକଥା ସତ୍ୟ ଯେ, ଅଲ୍ଲାଃତାଲାଙ୍କ ନିକଟରେ ସାରତତ୍ତ୍ୱ ବ୍ୟତୀତ ବକ୍କଳର କୌଣସି ମୂଲ୍ୟ ନାହିଁ । ଉକ୍ତ କଥାକୁ ଭଲ ଭାବରେ ମନେରଖ ଯେ, ମନୁଷ୍ୟକୁ ଜ୍ଞାତ ନାହିଁ ଯେ, ମୃତ୍ୟୁ କେଉଁ ସମୟରେ ଓ କେତେବେଳେ ଆସିଯିବ । କିନ୍ତୁ ଉକ୍ତ ପ୍ରସଙ୍ଗ ନିଃସନ୍ଦେହାତ୍ମକ ଓ ସୁନିଶ୍ଚିତ ଯେ, ମୃତ୍ୟୁ ଅବଶ୍ୟାମ୍ଭୀ। କେବଳ ଦାବି କରିଦେଲେ ଯଥେଷ୍ଟ ହେବ ନାହିଁ ଏବଂ ଦାବି ଉପରେ ଭରସା କର ନାହିଁ ଓ ଦାବି କରି ପ୍ରସନ୍ନ ହୋଇଯାଅ ନାହିଁ । କାରଣ ଦାବି କଦାପି ଲାଭଦାୟକ ବସ୍ତୁ ନୁହଁ । ଯେପର୍ଯ୍ୟନ୍ତ ମନୁଷ୍ୟ ଉପରେ ମୃତ୍ୟୁ ଆସିଯାଇ ନାହିଁ ଓ ନାନା ପରିବର୍ତ୍ତନ ଏବଂ ମନୁଷ୍ୟ ବିପ୍ଳବ ମଧ୍ୟ ଦେଇ ଅତିକ୍ରମ କରି ନାହିଁ ସେପର୍ଯ୍ୟନ୍ତ ସେ କଦାପି ମାନବିକତାର ପ୍ରକୃତ ଅଭିପ୍ରାୟ ତଥା ମର୍ମକୁ କଦିପି ପ୍ରାପ୍ତ କରି ପାରିବ ନାହିଁ ।

**ମାନବିକତାର ଅଭିପ୍ରାୟ:**

ମନୁଷ୍ୟ ଶବ୍ଦଟି ବାସ୍ତବରେ ମନୁ+ଅ=ମାନବରୁ ସୃଷ୍ଟି ହୋଇଛି ଅର୍ଥାତ୍ ଇନସାନ୍ ଶବ୍ଦଟି ଉନ୍‌ସ୍ (ପ୍ରେମ) ଅର୍ଥାତ୍ ଦୁହେଁ ଦୁହିଁଙ୍କୁ ଭଲ ପାଇବାକୁ ବୁଝାଏ । ଅର୍ଥାତ୍ 1- ଅଲ୍ଲାଃତାଲାଙ୍କୁ ଭଲ ପାଇବା, 2- ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା । ସୁତରାଂ ମନୁଷ୍ୟ ମଧ୍ୟରେ ଯେତେବେଳେ ଉପରୋକ୍ତ ଦୁଇଟି ଗୁଣ ସୃଷ୍ଟି ହୋଇଯାଏ ସେତେବେଳେ ମନୁଷ୍ୟ ପ୍ରକୃତ ରୂପେ ମନୁଷ୍ୟ ବୋଲାଇବାର ପଦବାଚ୍ୟ ହୋଇଥାଏ । ଏହା ହିଁ ସେହି ସାରତତ୍ତ୍ୱ ଯାହାକି ମାନବିକତାର ସାରତତ୍ତ୍ୱ ରୂପେ ବିବେଚିତ ହୋଇଥାଏ । ଉକ୍ତ ସ୍ତରରେ ଉପନୀତ ହେବା ପରେ ମନୁଷ୍ୟ اُولُوا الۡاَلۡبَابِ (ବୁଦ୍ଧିମାନ ଓ ବିବେକୀ ବ୍ୟକ୍ତି) ରୂପେ ଅଭିହିତ ହୋଇଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଉକ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ ମନୁଷ୍ୟ ବୋଲାଇବା ପଦବାଚ୍ୟ ହୋଇ ପାରିବ ନାହିଁ । ତୁମେମାନେ ସହସ୍ର ସହସ୍ର ଦାବି କର ପଛେ କିନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ, ଅବତାର ଏବଂ ଦେବଦୂତମାନଙ୍କ ନିକଟରେ ଉକ୍ତ

ଦାବିର କୌଣସି ମୂଲ୍ୟ ନାହିଁ ।

**ଅବତାରମାନଙ୍କର ଆଦର୍ଶ:**

ପୁନଶ୍ଚ ଉକ୍ତ କଥାଟି ସ୍ମରଣଯୋଗ୍ୟ ଯେ, ସମସ୍ତ ମନୁଷ୍ୟମାନେ ଉଦାହରଣ ଓ ଆଦର୍ଶର ଅଭିଳାଷୀ ଅଟନ୍ତି । ଏହି ଉଦାହରଣ ଓ ଆଦର୍ଶ ହେଉଛି ଅବତାରମାନଙ୍କର ଅନନ୍ୟ ଅସ୍ତିତ୍ୱ । ଈଶ୍ୱର ଉକ୍ତ କଥା ଉପରେ ସକ୍ଷମ ଥିଲେ ଯେ, ବୃକ୍ଷମାନଙ୍କ ଉପରେ ପ୍ରଭୁଙ୍କର ବାଣୀ ଉଲ୍ଲିଖିତ (ଅବତୀର୍ଣ୍ଣ) ହୋଇ ଯାଇଥାଆନ୍ତା । କିନ୍ତୁ ସେ ଯେଉଁ ଅବତାରଙ୍କୁ ପ୍ରେରଣ କଲେ ତାହାଙ୍କ ମାଧ୍ୟମରେ ନିଜର ବାଣୀ ଅବତୀର୍ଣ୍ଣ କେଲେ । ତହିଁରେ ଏହି ରହସ୍ୟ ରହିଥିଲା କି ମନୁଷ୍ୟ ଈଶ୍ୱରଙ୍କ ଈଶ୍ୱରତ୍ୱକୁ ଦର୍ଶନ କରୁ । ସେହି ଈଶ୍ୱରତ୍ୱ ବାର୍ତ୍ତାବହମାନଙ୍କ ମାଧ୍ୟମରେ ପ୍ରଭୁ ପ୍ରକଟିତ ହୋଇ ଥାଆନ୍ତି। ବାର୍ତ୍ତାବହମାନେ ଈଶ୍ୱରତ୍ୱର ପରିପ୍ରକାଶକ ଓ ଈଶ୍ୱରଙ୍କ ଦର୍ଶନ କରାଇ ଥାଆନ୍ତି। ପୁନଶ୍ଚ ପ୍ରକୃତ ମୁସଲମାନ ଏବଂ ଓ ପ୍ରକୃତ ବିଶ୍ୱାସକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ବାର୍ତ୍ତାବହଙ୍କର ପରିପ୍ରକାଶକ ଅଟନ୍ତି । ଉକ୍ତ ରହସ୍ୟକୁ ସାହାବାମାନେ ଭଲ ଭାବରେ ଅର୍ଥାତ୍ ମର୍ମେ ମର୍ମେ ହୃଦୟଙ୍ଗମ କରିନେଲେ ଏବଂ ସେମାନେ ରସୁଲ୍ କରୀମ୍ ସ.ଅଙ୍କର ଆଜ୍ଞାବହତ୍ୱରେ ନିଜକୁ ଏପରି ହଜାଇ ଦେଲେ ଯେ, ସେମାନଙ୍କର ଅସ୍ତିତ୍ୱରେ ଅନ୍ୟ କୌଣସି ବସ୍ତୁ ବାକି ରହି ନଥିଲା । ଯେକେହି ସେମାନଙ୍କୁ ଦେଖୁଥିଲା ସେମାନଙ୍କୁ ନିମଗ୍ନତା ଅବସ୍ଥାରେ ଦେଖିବାକୁ ପାଉଥିଲା। ସୁତରାଂ ମନେରଖ ଯେ,ପର୍ଯ୍ୟନ୍ତ ସାହାବାମାନଙ୍କ ପରି ନିମଗ୍ନତା ସାଂପ୍ରତିକ କାଳରେ ତୁମମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଶିଷ୍ୟତ୍ୱ, ଆସ୍ଥା ତଥା ବିଶ୍ୱାସରେ ପ୍ରବିଷ୍ଟ ହେବାର ଯେଉଁ ଦାବି ରହିଛି ତାହା ନିରର୍ଥକ ହୋଇଯିବ। ଉକ୍ତ ପ୍ରସଙ୍ଗକୁ ତୁମେମାନେ ନିଜ ମସ୍ତିଷ୍କର ଆସନିତ କରନିଅ ଯେ, ତୁମେମାନେ ସାହାବାମାନଙ୍କ ପରି ନିମଗ୍ନତା, ଶିଷ୍ୟତ୍ୱ ଓ ବିଶ୍ୱାସ ନିଜ ମଧ୍ୟରେ ସୃଷ୍ଟି କରିନିଅ । ଏପରି କରିବା ଦ୍ୱାରା ତୁମ ଆତ୍ମା ମଧ୍ୟରେ ଅଲ୍ଲାଃତାଲା ବାସ କରିବେ । ଅତଏବ୍ ଯେପର୍ଯ୍ୟନ୍ତ ପ୍ରଭୁଙ୍କ ବାସ ତୁମ ଆତ୍ମା ମଧ୍ୟରେ ହୋଇଯାଇ ନାହିଁ, ଯେପର୍ଯ୍ୟନ୍ତ ପ୍ରଭୁଙ୍କର ଲକ୍ଷଣ (ଅର୍ଥାତ୍ ଦେବ ସୁଲଭ ଗୁଣ) ତୁମ ଦ୍ୱାରା ପ୍ରକଟିତ (ସୃଷ୍ଟି) ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମ ମଧ୍ୟରେ ସୈତାନର ରାଜତ୍ୱ, ସୈତାନିକ କର୍ମ ଏବଂ ସୈତାନର ବାସ ଓ ସୈତାନର ହସ୍ତକ୍ଷେପ ବିଦ୍ୟମାନ ରହିବ ।

ସୈତାନ୍ ମିଥ୍ୟା, ଅତ୍ୟାଚାର, ଉତ୍ସାହ ଜନିତ ଭାବାବେଗ, ରକ୍ତ, ମୋହ ଇନ୍ଦ୍ରଜାଲ, ଲୋକ ଦେଖାଣିଆ କର୍ମ ଏବଂ ଗର୍ବ ଓ ଅହଂକାର, ଆତ୍ମବଡ଼ିମା ଆଡ଼କୁ ଆମନ୍ତ୍ରିତ କରିଥାଏ । ଏହାର ବିପରୀତ ଅଲ୍ଲାଃତାଲା ଉତ୍ତମ ଚରିତ୍ରବତ୍ତା, ଧୈର୍ଯ୍ୟ, ନିମଗ୍ନତା, ଈଶ୍ୱରଙ୍କ ମଧ୍ୟରେ ନିଜକୁ ହଜାଇ ଦେବା, ନୈଷ୍ଠିକତା, ବିଶ୍ୱାସ, ସଫଳତା ଇତ୍ୟାଦି ଆଡ଼କୁ ଆମନ୍ତ୍ରିତ କରି ଥାଆନ୍ତି । ମନୁଷ୍ୟ ଏହି ଦୁଇଟି ନିମନ୍ତ୍ରଣ ଅର୍ଥାତ୍ ଅଲ୍ଲାଃତାଲାଙ୍କର ନିମନ୍ତ୍ରଣ ଓ ସୈତାନର ନିମନ୍ତ୍ରଣ ମଧ୍ୟରେ ମାତିଛି । ଅତଏବ୍ ଯେଉଁ ବ୍ୟକ୍ତିର ସ୍ୱଭାବ ପୁଣ୍ୟ ଓ ଯେଉଁ ବ୍ୟକ୍ତି ସୌଭାଗ୍ୟର ଅଧିକାରୀ ସେହି ବ୍ୟକ୍ତି ସୈତାନ୍ର ସହସ୍ର ସହସ୍ର ନିମନ୍ତ୍ରଣ, ଡାକରା ଓ ଉତ୍ସାହ ଜନିତ ଭାବାବେଗ ସତ୍ତ୍ୱେ ମଧ୍ୟ ସେହି ସତ୍ମାର୍ଗ ଜନିତ ସ୍ୱଭାବ, ସୌଭାଗ୍ୟ ଓ ଶାନ୍ତିର ସହିତ ଗମନ କରିବାର ଯୋଗ୍ୟତା ତଥା ସାମର୍ଥ୍ୟତାର କଲ୍ୟାଣ ଦ୍ୱାରା ଅଲ୍ଲାଃତାଲାଙ୍କ ଆଡ଼କୁ ଦଉଡ଼ି ଯାଇଥାଏ । ସେ ଈଶ୍ୱରଙ୍କ ମଧ୍ୟରେ ହିଁ ନିଜର ସମସ୍ତ ଶାନ୍ତି, ସନ୍ତୁଷ୍ଟି ଓ ତୃପ୍ତିକୁ ପାଇଥାଏ । **(ମଲ୍ଫୁଜାତ୍, ଭାଗ-2, ପୃ-53, ସଂସ୍କରଣ ବର୍ଷ-2018 ମସିହା, କାଦିୟାନ୍)** ☆--☆--☆

**ଈଶ୍ୱରଙ୍କ କୌଣସି ଅବତାର ଯେତେବେଳେ ସଂସାରଲୋକକୁ ଆସେ ଏବଂ ଲୋକମାନଙ୍କୁ ସେହି ଅବତାର ଯେତେବେଳେ ଈଶ୍ୱରଙ୍କ ବାର୍ତ୍ତା ପ୍ରଦାନ କରେ ସେତେବେଳେ ଲୋକମାନେ ସେହି ଅବତାରର ବିରୋଧ ଆରମ୍ଭ କରିଦିଅନ୍ତି ଏବଂ ସେହି ଅବତାରକୁ କଠୋରରୁ କଠୋର ଦୁଃଖ ଏବଂ କଷ୍ଟ ପ୍ରଦାନ କରନ୍ତି । କିନ୍ତୁ ପରିଶେଷରେ ସଂସାରବାସୀଙ୍କୁ ସେହି ଶିକ୍ଷାକୁ ସ୍ୱୀକାର କରିବାକୁ ପଡ଼େ ଯେଉଁ ଶିକ୍ଷା ଈଶ୍ୱରଙ୍କ ଅବତାରମାନଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥାଏ ଏବଂ ସଂସାରବାସୀମାନ ନିଜର ପରାଜୟ ସ୍ୱୀକାର କରିବାକୁ ପଡ଼ିଥାଏ ।**

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍ର ଆୟତ୍ ସଂଖ୍ୟା 73ର ବ୍ୟାଖ୍ୟା କରି କୁହନ୍ତି: ଯେଉଁ ଲୋକମାନେ ଉପଦ୍ରବୀ, ଖଳ ପ୍ରକୃତି ଓ କୁଚ୍ଛଳିଆ ସ୍ୱଭାବର ଅଟନ୍ତି ସେମାନେ ସତ କଥା ଶୁଣି କ୍ରୋଧିତ ହୋଇଯାଆନ୍ତି ଏବଂ ବିଶ୍ୱାସକାରୀମାନଙ୍କ ଉପରେ ଆକ୍ରମଣ କରି ପକାନ୍ତି । ଏହି ଉପଦ୍ରବକାରୀ ବ୍ୟକ୍ତିମାନେ ପ୍ରତ୍ୟେକ ପ୍ରକାରର ଚାପ ପକାଇ ତବ୍ଲିଗ୍ (ପ୍ରଚାର) କାର୍ଯ୍ୟକୁ ରୋକିବାକୁ ଉଦ୍ୟମ କରନ୍ତି । ସେମାନେ ଏହା ହୃଦୟଙ୍ଗମ କରନ୍ତି ନାହିଁ ଯେ, ସତ୍ୟ କଥାକୁ ସ୍ୱୀକାର କରିବା ସ୍ୱୟଂ ସେମାନଙ୍କ ପକ୍ଷେ ଲାଭଦାୟକ ସାବ୍ୟସ୍ତ ହେବ । ସେହିପରି ସେହି ଉପଦ୍ରବକାରୀମାନେ ସତ୍ୟକୁ ଯଦି ସ୍ୱୀକାର ନକରନ୍ତି ତେବେ ସେମାନେ କଷ୍ଟ ପାଇବେ ଓ ଦୁଃଖ ଭୋଗିବେ। ସେମାନେ କେବଳ ଉତ୍କ୍ଷିପ୍ତ ଏବଂ ଉତ୍ତେଜିତ ହୋଇ ଉପଦ୍ରବ ଓ ହିଂସା କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି ନାହିଁ ବରଂ ବିଶ୍ୱାସକାରୀମାନଙ୍କୁ ଦୁଃଖ ଦେବାକୁ ଆରମ୍ଭ କରି ଦିଅନ୍ତି ।

ଅତଏବ୍ ଦେଖିନିଅ ! ଯେ, ଜମାଅତ୍ ଅହେମଦିୟାର ସଂସ୍ଥାପତ ହ. ମିର୍ଜା ଗୁଲାମ୍ ଅହେମଦ ସାହେବ କାଦିୟାନୀ ଅ.ସ ଯେତେବେଳେ ଏହି ଦାବି ଉପସ୍ଥାପିତ କଲେ କି ହ. ଇସା ଅ.ସ (ଯୀଶୁ ଖ୍ରୀଷ୍ଟ) ଅନ୍ୟ ଅବତାରଙ୍କ ପରି ମୃତ୍ୟୁବରଣ କରିଛନ୍ତି । ସେତେବେଳେ ସମଗ୍ର ଭାରତ ବର୍ଷରେ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ କିପରି ନିଆଁ ବ୍ୟାପୀ ଯାଇଥିଲା । ଅର୍ଥାତ୍ ଉକ୍ତ କଥାଟି ସହସ୍ର କୋଶ ପର୍ଯ୍ୟନ୍ତ ବ୍ୟାପୀ ଯାଇଥିଲା ଏବଂ ବିରୋଧର ଏକ ଝଡ଼ ମାଡ଼ି ଆସିଥିଲା । ବିଦ୍ୱାନ୍ମାନେ ନିଜର ବସ୍ତା (ବ୍ୟାଗ୍ ବା ଥଳୀ) ଖୋଲି ବସିଗଲେ ଏବଂ ଲେଖି ଲେଖି ସେମାନଙ୍କର କଲମ ମୁନ ଘଷି ହୋଇଗଲା। ଭାଷଣ ଦେଉ ଦେଉ ସେମାନଙ୍କ ତୁଣ୍ଡରେ ଘା ହୋଇଗଲା । ସେମାନେ ଜମାଅତ୍ ଅହେମଦିୟାର ସଂସ୍ଥାପକଙ୍କୁ ଅବିଶ୍ୱାସକାରୀ ଏବଂ ବଡ଼ ମାୟାବୀ ପ୍ରବଞ୍ଚକ ଏବଂ ମାର୍ଗଭ୍ରଷ୍ଟ ତଥା ଦୁରାଚାରୀ କହିବାର କୌଣସି ସୁଯୋଗକୁ ହାତ ଛଡ଼ା କଲେ ନାହିଁ । ସେମାନେ ଆରବର ବିଦ୍ୱାନ୍ମାନଙ୍କ ଠାରୁ ଫତ୍ୱା (ଧର୍ମାଜ୍ଞା) ଆଣି ଆପଣ ଅ.ସଙ୍କ ଉପରେ ଅବିଶ୍ୱାସକାରୀର ଧର୍ମାଜ୍ଞା ପ୍ରୟୋଗ କରିଦେଲେ । କିନ୍ତୁ ପରିଣାମ କ'ଣ ହେଲା? ପିରଣାମ ଏହା ହେଲା ଯେ, ପ୍ରତ୍ୟେକ ଦିନ ସେହି ବିରୋଧୀମାନଙ୍କର ସମର୍ଥକମାନେ ଯଦିଚ ଅହେମଦି ହୋଇ ନଥିଲେ । କିନ୍ତୁ ସେମାନେ ହୟାତେ ମସିହ୍ (ମସିହ୍ ଜୀବିତ)ର ଯେଉଁ ଅସ୍ଥା ଏବଂ ବିଶ୍ୱାସ ରହିଥିଲା ତାହାକୁ ଅବଶ୍ୟ ଅସ୍ୱୀକାର କରିବାକୁ ଲାଗିଲେ । ଆଜି ଏହି ସ୍ଥିତି ରହିଛି ଯେ, ନବ ଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହେଲେ ବ୍ୟକ୍ତି ହୟାତେ ମସିହ୍ (ମସିହ୍ ଜୀବିତ) ର ଯେଉଁ ବିଶ୍ୱାସ ରହିଛି ତାହାକୁ ସ୍ୱୀକାର କରନ୍ତି ନାହିଁ। ବରଂ ସାଧାରଣ ଭାବରେ ମୁସଲମାନମାନଙ୍କ ମଧ୍ୟରୁ ଉକ୍ତ ଆସ୍ଥା ଉପରେ ଯଦି କଥୋପକଥନ ବା ବାର୍ତ୍ତାଳାପ କରାଯାଏ ତେବେ ସେମାନେ କହି ଦିଅନ୍ତି ଯେ, ହଉ ଛାଡ଼ ସେ ହୟାତେ ମସିହ୍ କଥା । ଉକ୍ତ ପ୍ରସଙ୍ଗରେ କିଛି ନାହିଁ । ଅଯଥାରେ ଆମେମାନେ ପରସ୍ପର ମଧ୍ୟରେ ବାକ୍ ବିତଣ୍ଡା ତଥା ଯୁକ୍ତି ତର୍କ କରୁଛେ । ତହିଁରୁ ଏହା ଜ୍ଞାତ ହୁଏ ଯେ, ସେହି ଲୋକମାନଙ୍କର ହୃଦୟ ଉକ୍ତ ସମସ୍ୟା ଅର୍ଥାତ୍ ହୟାତେ ମସିହ୍ର ସତ୍ୟତା ପ୍ରସଙ୍ଗକୁ ଅସ୍ୱୀକାର କରିବାକୁ ଲାଗିଗଲେଣି ।

ସେହିପରି ଜମାଅତ୍ ଅହେମଦିୟାର ସଂସ୍ଥାପକ ଯେତେବେଳେ କହିଲେ କି ଅଲ୍ଲାଃତାଲା ପ୍ରତ୍ୟେକ ଦେଶରେ ନିଜର ଅବତାରମାନଙ୍କୁ ପ୍ରେରଣ କରିଛନ୍ତି। ଉକ୍ତ କଥା ଯୋଗୁଁ ସମଗ୍ର ସଂସାରରେ ଏକ ନିଆଁ ବ୍ୟାପୀଗଲା ଏବଂ ଲୋକମାନେ କହିଲେ, ହେଇ ଦେଖ ଭାଇମାନେ ! ଏହି ଲୋକ (ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ ଅ.ସ) ଶ୍ରୀକୃଷ୍ଣ ଏବଂ ଶ୍ରୀରାମଙ୍କୁ ଅବତାର ବୋଲି ବିବେଚିତ କରି ଅବିଶ୍ୱାସକାରୀଙ୍କୁ ଭଗବାନଙ୍କର ଅବତାର ବୋଲି ବିବେଚିତ କରୁଛି । କିନ୍ତୁ ଆଜି ଘୋର ବିରୋଧୀ ବ୍ୟକ୍ତି ମଧ୍ୟ ଉକ୍ତ ପ୍ରସଙ୍ଗକୁ ସ୍ୱୀକାର କରି ସାରିଛନ୍ତି । ବିରୋଧୀମାନେ ଉକ୍ତ ପ୍ରସଙ୍ଗ ସ୍ୱୟଂ ସ୍ୱୀକାର କରିଛନ୍ତି । ବିରୋଧୀମାନେ ଖବରକାଗଜମାନଙ୍କରେ ଉକ୍ତ ପ୍ରସଙ୍ଗ ଉପରେ ଅନେକ ବିଷୟବସ୍ତୁ ପ୍ରକାଶିତ କରିଥାଆନ୍ତି ଯେ, ଇସ୍ଲାମ୍ ଧର୍ମ ପୂର୍ବ ଅବତାରମାନଙ୍କର ସତ୍ୟତାର ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶ କରେ । ଅର୍ଥାତ୍ ଅବତାରମାନେ ପଛେ ଇହୁଦୀ ଧର୍ମରେ ଜନ୍ମ ଗ୍ରହଣ କରନ୍ତୁ ଅବା ହିନ୍ଦୁ ଧର୍ମରେ ଜନ୍ମ ଗ୍ରହଣ କରନ୍ତୁ ପଛେ କିମ୍ବା ଜୋରାଷ୍ଟ୍ରୀୟ ଧର୍ମରେ ଜନ୍ମ ଗ୍ରହଣ କରନ୍ତୁ ପଛେ, ସେମାନେ ସମସ୍ତେ ଅବତାର ଅଟନ୍ତି। ସେହିପରି ଜମାଅତ୍ ଅହେମଦିୟାର ସଂସ୍ଥାପକ ପବିତ୍ର କୁରଆନ୍ କରୀମ୍ ସଂକ୍ରାନ୍ତରେ ଯେତେବେଳେ ଉକ୍ତ କଥାର ଦାବି କଲେ ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ଏକ ପୂର୍ଣ୍ଣାଙ୍ଗ ଧାର୍ମିକ ଗ୍ରନ୍ଥ ଏବଂ ଉକ୍ତ ଗ୍ରନ୍ଥର କୌଣସି ଆୟତ୍ ଉହ୍ୟ (ନିଶ୍ଚିହ୍ନ) ହୋଇ ନାହିଁ ସେତେବେଳେ ବିଦ୍ୱାନ୍ ବୋଲାଉଥିବା ବ୍ୟକ୍ତିମାନେ ଉତ୍କ୍ଷିପ୍ତ ହୋଇ ଉଠିଲେ । ସେହି ବିଦ୍ୱାନ୍ମାନଙ୍କର ପାଟିରୁ ଫେଣ ଏବଂ ସେମାନଙ୍କ ଚକ୍ଷୁରୁ ଅଗ୍ନି ବିସ୍ଫାରିତ ହେବାକୁ ଲାଗିଲା । କିନ୍ତୁ ଆଜି ବିଦ୍ୱାନ୍ମାନେ ଅବା ଜନସାଧାରଣମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଇସ୍ଲାମ୍ ଧର୍ମ ପ୍ରତି ଅଭିରୁଚି ରଖନ୍ତି ସେମାନଙ୍କୁ ପଚାରି ଦେଖିନିଅ। ସେହି ଲୋକମାନେ ପବିତ୍ର କୁରଆନ୍ କରୀମ୍ର ସମସ୍ତ ଆୟତ୍ରୁ ପ୍ରମାଣିତ କରିବେ ଏବଂ କୌଣସି ଆୟତ ଉହ୍ୟ ଏବଂ ନିଶ୍ଚିହ୍ନ ହେବାର ନାଁ ମଧ୍ୟ ଧରିବେ ନାହିଁ । ସୁତରାଂ ପ୍ରତ୍ୟେକ ଯୁଗରେ ଏହି ଅବସ୍ଥା ରହିଛି । ଅର୍ଥାତ୍ ଅଲ୍ଲାଃତାଲାଙ୍କର କୌଣସି ଅବତାର ଯେତେବେଳେ ସଂସାର ଲୋକକୁ ଆସିଲେ ଏବଂ ସେ ଯେତେବେଳେ ଈଶ୍ୱରଙ୍କ ସନ୍ଦେଶ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇଲେ ସେତେବେଳେ ସଂସାରବାସୀମାନେ ସେମାନଙ୍କର ବିରୋଧ କରିବାକୁ ଆରମ୍ଭ କରିଦେଲେ । ସେହି ଅବତାରମାନଙ୍କୁ ସଂସାରବାସୀମାନେ କଠୋରରୁ କଠୋର ଶାସ୍ତି ଏବଂ କଷ୍ଟ ଦେଲେ । କିନ୍ତୁ ପରିଶେଷରେ ସଂସାରକୁ ସେହି ଶିକ୍ଷାକୁ ସ୍ୱୀକାର କରିବାକୁ ପଡ଼ିଲା ଯେଉଁ ଶିକ୍ଷା ଅବତାରମାନଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିଲା । ସେହି ଅବତାରମାନଙ୍କୁ ନିଜର ପରାଜୟ ସ୍ୱୀକାର କରିବାକୁ ପଡ଼ିଲା । ବିରୋଧୀମାନଙ୍କର ଉକ୍ତ ଶତ୍ରୁତାମୂଳକ ଆଚରଣ ସଂକ୍ରାନ୍ତରେ ଅଲ୍ଲାଃତାଲା ଉକ୍ତ ଆୟତରେ ଚର୍ଚ୍ଚା କରି କୁହନ୍ତି, "ବିରୋଧୀମାନଙ୍କ ସମ୍ମୁଖରେ ଯେତେବେଳେ ଆମ୍ଭର ଜ୍ୱଳନ୍ତ ଆୟତ୍ ଅର୍ଥାତ୍ ସାକ୍ଷାତ୍ ନିଦର୍ଶନ ପାଠ କରାଯାଏ ସେତେବେଳେ ପ୍ରତ୍ୟାଖ୍ୟାନକାରୀମାନଙ୍କ ମୁଖମଣ୍ଡଳରେ ନାପସନ୍ଦର ଲକ୍ଷଣ ଦୃଶ୍ୟମାନ ହୋଇଥାଏ । ଏହା ଖୁବ୍ ନିକଟବର୍ତ୍ତୀ ଅର୍ଥାତ୍ ଏହି ଆଶଙ୍କା ରହିଥାଏ ଯେ, ସେମାନେ ଅର୍ଥାତ୍ ବିରୋଧୀମାନେ ସେହି ଲୋକମାନଙ୍କ ଉପରେ ଆକ୍ରମଣ କରିଦେବେ ଯେଉଁମାନେ ଆମ୍ଭର (ଅଲ୍ଲାଃତାଲାଙ୍କର ଆୟତ ପାଠ କରି **(ଅବଶିଷ୍ଟାଂଶ...ପୃ-10ରେ)**

## (ଖୁତ୍‌ବା ଜୁମା)

ମୁହମ୍ମଦ୍ (ସ.ଅ) ଯଦି ଚାହିଁ ଥାଆନ୍ତେ ତେବେ ଆପଣ ସ.ଅ ବିନା କୌଣସି ଯୁଦ୍ଧରେ ମକ୍କାରେ ଅବଶ୍ୟ ପ୍ରବେଶ କରିପାରି ଥାଆନ୍ତେ । କିନ୍ତୁ ଯଦିଓ ଆପଣ ସ.ଅ ଏହି ନିଷ୍ପତ୍ତି ନେଇ ସାରିଥିଲେ ଯେ, ଆପଣ ସ.ଅ ଏହି ଉଦ୍ୟମ କରିବେ ଯେ, ମକ୍କାବାସୀଙ୍କ ଠାରୁ ଅନୁମତି ନେଇ ଆପଣ ସ.ଅ ଖାନା କାଆବାର ପରିକ୍ରମା କରିବେ । ଆପଣ ସ.ଅ ସେହି ସ୍ଥିତିରେ ଯୁଦ୍ଧ କରିବେ ଯେତେବେଳେ ମକ୍କାବାସୀ ସ୍ୱୟଂ ଯୁଦ୍ଧ ଆରମ୍ଭ କରି ଲଢ଼ିବାକୁ ବାଧ୍ୟ ହେବେ । ଅତଏବ୍ ମକ୍କାର ସଡ଼କ ଉନ୍ମୁକ୍ତ (ଖୋଲା) ରହିବା ସତ୍ତ୍ୱେ ଆପଣ ସ.ଅ ହୁଦେବିୟାହ୍ ନାମକ ସ୍ଥାନରେ ଶିବିର ସ୍ଥାପନ କଲେ ।" (ହ. ମୁସଲେହ୍ ମଉଦ୍ [ରା.ଅ])

ହୁଦେବିୟା ଠାରେ ମୁସଲମାନମାନଙ୍କ ମଧ୍ୟରେ ଏବଂ କୁରୈଶ୍‌ମାନଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ଚୁକ୍ତିକୁ ସୁଲାହ୍ ହୁଦେବିୟାହ୍ କୁହାଯାଏ । ଉକ୍ତ ସ୍ଥାନରେ ଯୁଦ୍ଧ ହୋଇଥିବାରୁ ବର୍ଣ୍ଣନାରେ ଉକ୍ତ ଯୁଦ୍ଧକୁ ହୁଦେବିୟାହ୍ ଯୁଦ୍ଧ କୁହାଯାଇଛି ।

ଆଉ ରହିଲା ପ୍ରକୃତ ନିର୍ଣ୍ଣୟ ବା ମୀମାଂସା କରିବାର ପ୍ରଶ୍ନ ଓ ପ୍ରସଙ୍ଗ । ସୁତରାଂ ଏଥି ସଂକ୍ରାନ୍ତରେ ମଧ୍ୟ ଆମ୍ଭେ ନିର୍ଦ୍ୱନ୍ଦ୍ୱରେ ଏହା କହି ପାରିବା ଯେ, ଉକ୍ତ ପ୍ରସଙ୍ଗରେ କଦାପି କୌଣସି ପ୍ରକାରର ଅନ୍ୟାୟ ଓ ଅତ୍ୟାଚାରର ହାତ ନଥିଲା ବରଂ ଉକ୍ତ ନିର୍ଣ୍ଣୟଟି ନ୍ୟାୟାଧାରିତ ଥିଲା ।

ଯାତ୍ରା ସମୟରେ.........ଏମିତି ଏକ ସମୟ ମଧ୍ୟ ଆସିଥିଲା ଯେ, ଆଁହଜରତ ସ.ଅ ଯେଉଁ ଲୋଟାକୁ ବ୍ୟବହାର କରୁଥିଲେ ଏବଂ ଯେଉଁ ବାସନ କୁସନ ଆପଣ ସ.ଅ ବ୍ୟବହାର କରୁଥିଲେ ସେହି ସମସ୍ତ ବାସନ କୁସନ ଓ ପାତ୍ରରୁ ଜଳ ସମାପ୍ତ ହୋଇଯାଇଥିଲା । ଇତ୍ୟବସରରେ ସାହାବାମାନେ ଯେତେବେଳେ ଆଁହଜରତ ସ.ଅଙ୍କ ନିକଟରେ ଅଭିଯୋଗ କଲେ କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସବୁ ଜଳ ସମାପ୍ତ ହୋଇଯାଇଛି ସେତେବେଳେ ଆପଣ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ନିଜ ନିଜର ପାତ୍ର ଆଣ ଏବଂ ଜଳ ଭର୍ତ୍ତି କରିନିଅ । ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ସେତେବେଳେ ଆପଣ ସ.ଅଙ୍କ ଆଙ୍ଗୁଠି ଭିତରୁ ଜଳ ଏପରି ନିର୍ଗତ (ବାହାରୁଥିଲା) ହେଉଥିଲା ଯେପରି ଝରଣାରୁ ଜଳ ପ୍ରବାହିତ ହୋଇଥାଏ । ଏପର୍ଯ୍ୟନ୍ତକି ସମସ୍ତେ ନିଜ ନିଜର ଆବଶ୍ୟକତାନୁଯାୟୀ ଜଳ ନେଇ ନେଲେ ଓ ମୁସଲମାନମାନଙ୍କର ଦୁଃଖ ଏବଂ ସମସ୍ୟା କ୍ରମଶଃ ଦରୀଭୂତ ହୋଇଗଲା । (ସିରତ୍ ଖାତମୁନ୍ ନବୀୟିନ୍ [ସ.ଅ])

ପରମେଶ୍ୱର କୁହନ୍ତି: "ମୋର ଭକ୍ତମାନଙ୍କ ମଧ୍ୟରୁ କେତେକ ଭକ୍ତମାନେ ତ' ଉକ୍ତ ସକାଳ ପ୍ରକୃତ ବିଶ୍ୱାସ ଅବସ୍ଥାରେ କରିଛନ୍ତି । କିନ୍ତୁ କେତେକ ବ୍ୟକ୍ତିମାନଙ୍କର ଅବସ୍ଥାରେ ପରିବର୍ତ୍ତନ ଦେଖାଇ ଦେଇଥିବା ହେତୁ ସେମାନେ ଅବିଶ୍ୱାସର ଶିକାର ହୋଇ ମାର୍ଗ ଭ୍ରଷ୍ଟ ହୋଇଗଲେ । କାରଣ ଯେଉଁ ଭକ୍ତ ଉକ୍ତ କଥା କହିଲା କି ଆମମାନଙ୍କ ଉପରେ ପ୍ରଭୁ ନିଜର କୃପା ବୃଷ୍ଟି କରିଛନ୍ତି ସେହି ଭକ୍ତ ବିଶ୍ୱାସର ପ୍ରକୃତାବସ୍ଥାରେ ଅବିଚଳ ରହିଲା । କିନ୍ତୁ ଯେଉଁ ବ୍ୟକ୍ତି ଉକ୍ତ କଥା କହିଲା କି ଉକ୍ତ ବୃଷ୍ଟି ଅମକ ତାରକା ପ୍ରଭାବ ଯୋଗୁଁ ହୋଇଛି ତେବେ ନିଃସନ୍ଦେହ ରୂପେ ସେହି ବ୍ୟକ୍ତି ସୂର୍ଯ୍ୟ ଓ ଚନ୍ଦ୍ରର ବିଶ୍ୱାସକାରୀ ହୋଇଗଲେ । କିନ୍ତୁ ସେହି ବ୍ୟକ୍ତି ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିଦେଲା । "

ହୁଦେବିୟା ଯୁଦ୍ଧର ଅଭିପ୍ରାୟ, ପୃଷ୍ଠଭୂମି, ଅବସ୍ଥା ଏବଂ ଘଟଣାବଳୀର ବର୍ଣ୍ଣନା

ବାଂଲାଦେଶର ସମ୍ମାନନୀୟ ମୁହମ୍ମଦ ଅବଦୁଲ୍ ୱହାବ୍ ସାହେବଙ୍କ ସୁପୁତ୍ର ଶହୀଦ୍ ସେହେର ୟାର୍ ରକିନ୍ ସାହେବ ଓ କବାବିରର ସମ୍ମାନନୀୟ ଅବଦୁଲ୍ଲାଃ ଅସଦ୍ ଓହଦେ ସାହେବଙ୍କ ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ।

**15 NOVEMBER 2024 ମସିହା ଅନୁଯାୟୀ ୧୫ ନବୁୱତ୍ ୧୪୦୩ ହିଜ୍ରୀ ଶମ୍‌ସୀ, ସ୍ଥାନ-ମସଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଜି ମୁଁ ସୁଲାହ୍ ହୁଦେବିୟାହ୍ ସଂପର୍କରେ ଚର୍ଚ୍ଚା ଆରମ୍ଭ କରିବି । ସୁଲାହ୍ ହୁଦେବିୟାହ୍ ଜୁଲ୍ କାଆଦା 6 ହିଜ୍ରୀ ଅନୁଯାୟୀ ମାର୍ଚ୍ଚ ମାସ 628 ମସିହାରେ ହୋଇଥିଲା । ଉକ୍ତ ଯୁଦ୍ଧକୁ ହୁଦେବିୟାହ୍ ଯୁଦ୍ଧ କୁହାଯାଏ । ହୁଦେବିୟାହ୍ ଯୁଦ୍ଧ ସଂକ୍ରାନ୍ତରେ ଅଲ୍ଲାଃତାଲା ଏକ ସଂପୂର୍ଣ୍ଣ ସୁରାହ୍ ମଧ୍ୟ ଅବତୀର୍ଣ୍ଣ କରିଛନ୍ତି । ଉକ୍ତ ସୁରାହର ପ୍ରାରମ୍ଭ ନିମ୍ନ ପବିତ୍ର ଆୟତ୍ ଦ୍ୱାରା ହୋଇଥାଏ ।

اَعُوْذُ بِاللّٰهِ مِنَ الشَّيْطَانِ الرَّجِيْمِ. اِنَّا فَتَحْنَا لَكَ فَتْحًا مُّبِيْنًا ﴿۲﴾ لِّيَغْفِرَ لَكَ اللّٰهُ مَا تَقَدَّمَ مِنْ ذَنْۢبِكَ وَمَا تَاَخَّرَ وَيُتِمَّ نِعْمَتَهٗ عَلَيْكَ وَيَهْدِيَكَ صِرَاطًا مُّسْتَقِيْمًا ﴿۳﴾ وَّيَنْصُرَكَ اللّٰهُ نَصْرًا عَزِيْزًا ﴿۴﴾ (ଅଲ୍ ଫତହ୍: 2-4) ଅନୁବାଦ: ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ଆବୃତ୍ତି କରୁଅଛି । ଆମ୍ଭେ ତୁମ୍ଭଙ୍କୁ ଏକ ପ୍ରକାଶ୍ୟ ବିଜୟ ପ୍ରଦାନ କରିଅଛୁ । ଏହା ଫଳରେ ଏପରି ହେବ ଯେ, ତୁମ୍ଭ ସଂକ୍ରାନ୍ତରେ ଯାହା କିଛି ଦୋଷ ତ୍ରୁଟି ପୂର୍ବରୁ ହୋଇଛି ଅଲ୍ଲାଃତାଲା ସେହି ସବୁକୁ ଘୋଡ଼ାଇ ଦେବେ ଏବଂ ଅଦ୍ୟାବଧି ଯାହା ହୋଇ ନାହିଁ (ଅଥଚ ଭବିଷ୍ୟତରେ ହେବାର ସମ୍ଭାବନା ଅଛି) ସେଗୁଡ଼ିକୁ ମଧ୍ୟ ଘୋଡ଼ାଇ ଦେବେ ଏବଂ ତୁମ୍ଭ ପ୍ରତି ନିଜର କୃପାକୁ ସଂପୂର୍ଣ୍ଣ କରିବେ ଏବଂ ତୁମ୍ଭଙ୍କୁ ସରଳ ପଥ ଦେଖାଇବେ ଏବଂ ଅଲ୍ଲାଃତାଲା ତୁମ୍ଭଙ୍କୁ ଉତ୍ତମ ରୂପେ ସାହାଯ୍ୟ କରିବେ।

ହୁଦେବିୟାହ୍ ଯୁଦ୍ଧକୁ କାହିଁକି ହୁଦେବିୟାହ୍ ଯୁଦ୍ଧ କୁହାଯାଏ ଏବଂ ଏହାର କ'ଣ ସଂଜ୍ଞା ରହିଛି ? ଉକ୍ତ ଯୁଦ୍ଧର ସଂକ୍ଷିପ୍ତ ବିବରଣୀ ମୁଁ ଏଠାରେ ପ୍ରଦାନ କରି ଦେଉଛି। ହୁଦେବିୟାହ୍ ଏକ କୂପର ନାମ ଥିଲା । ଉକ୍ତ କୂପ ଯୋଗୁଁ ଉକ୍ତ ସ୍ଥାନର ନାମ ହୁଦେବିୟାହ୍ ହୋଇଯାଇଛି । ପ୍ରାରମ୍ଭିକ ଇସଲାମ୍ ଧର୍ମ ସମୟରେ ଉକ୍ତ କୂପ ଯାତ୍ରୀମାନଙ୍କ ନିମନ୍ତେ ଏବଂ ହଜ୍ ତୀର୍ଥକାରୀଙ୍କ ନିମନ୍ତେ ବ୍ୟବହୃତ ହେଉଥିଲା । କିନ୍ତୁ ସେଠାରେ କୌଣସି ଜନବସତି ନଥିଲା । ହୁଦେବିୟାହ୍ ମକ୍କା ଠାରୁ 9 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ ଏବଂ ମକ୍କା ଠାରୁ ମଦିନାର ଦୂରତା ପ୍ରାୟ 250 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ ।

ଏହିପରି ଭାବରେ ମଦିନାରୁ ହୁଦେବିୟାହ୍ ପର୍ଯ୍ୟନ୍ତ ଦୂରତା ପ୍ରାୟ 241 କି.ମି ହୁଏ । ହୁଦେବିୟାହ୍ ପବିତ୍ର ମକ୍କା ଭୂମିର ସୀମାବର୍ତ୍ତୀ ଅଞ୍ଚଳ ଅଟେ ଓ କେତେକଙ୍କ ନିକଟରେ ହୁଦେବିୟାହ୍‌ର ଅନେକ ପ୍ରାନ୍ତ ପବିତ୍ର ମକ୍କା ଭୂମିରେ ପ୍ରବିଷ୍ଟ ଓ ସଂଲଗ୍ନ ଅଟେ । ସେହିପରି ଆଉ କେତେକ ପ୍ରାନ୍ତ ଓ ଭାଗ ମକ୍କା ବାହାରେ ଅବସ୍ଥିତ ଅଟେ। ଏହିଠାରେ ହିଁ ଅର୍ଥାତ୍ ହୁଦେବିୟାହ୍ ଠାରେ ମୁସଲମାନମାନଙ୍କ ମଧ୍ୟରେ ଏବଂ କୁରୈଶ୍‌ମାନଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ଚୁକ୍ତିକୁ ସୁଲାହ୍ ହୁଦେବିୟାହ୍ ବୋଲି କୁହାଯାଏ । ବର୍ଣ୍ଣନାରେ ଉକ୍ତ ଯୁଦ୍ଧକୁ ହୁଦେବିୟାହ୍ ଯୁଦ୍ଧ ମଧ୍ୟ କୁହାଯାଇଛି ।

ଏକ ବର୍ଣ୍ଣନାରେ ଉକ୍ତ ଯୁଦ୍ଧକୁ ତିହାମା ଯୁଦ୍ଧ ମଧ୍ୟ କୁହାଯାଇଛି । ମକ୍କା ଓ ଏହାର ଆଖାପାଖ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହୋଇଥାଏ । ଏହି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଉକ୍ତ ସ୍ଥାନ ଦ୍ୱୟକୁ ତିହାମା ମଧ୍ୟ କୁହାଯାଉଥିଲା । ଏହି ଦୃଷ୍ଟିରୁ ଉକ୍ତ ସ୍ଥାନର ନାମ ତିହାମା ମଧ୍ୟ ହୋଇଗଲା। **(ସବଲୁଲ୍ ହୁଦା, ଭାଗ-5, ପୃ-70, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଏଟଲସ୍ ସିରତୁନ୍ ନବୱୀ ସ.ଅ, ପୃ-326) (ଜୀବନୀ ଶବ୍ଦକୋଷ, ପୃ-100, ଜୱାରା ଏକାଡ଼େମୀ, କରାଚୀ) (ଅସ୍ ସହୀ ସିରତୁନ୍ ନବୱୀ ସ.ଅ, ଭାଗ-15, ପୃ-59, ଅଲ୍‌ମର୍କଜୁଲ୍ ଇସଲାମୀ, ଲିଦ୍ ଦିରାସାତ୍) (ଇନ୍‌ସାଇକ୍ଲୋପିଡ଼ିୟା, ସିରତୁନ୍ ନବୱୀ ସ.ଅ, ପୃ-188, ଜମ୍‌ଜମ୍ ପବ୍ଲିଶର୍ସ) (ଅଲ୍‌ମୁଜିମୁଲ୍ ଔସତି, ଭାଗ-2, ପୃ-356, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ସବଲୁଲ୍ ହୁଦା, ଭାଗ-5, ପୃ-87, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଏହାର କାରଣ କ'ଣ ଥିଲା ? ବର୍ଣ୍ଣନା ଏବଂ ଇତିହାସରୁ ଏହା ଜ୍ଞାତ ହୁଏ ଯେ, ଆଁହଜରତ ସ.ଅ ଏକ ସ୍ୱପ୍ନ ଦେଖିଥିଲେ । ସେହି ସ୍ୱପ୍ନ ଆଧାରରେ ଆପଣ ସ.ଅ ହୁଦେବିୟାହ୍ ଅଭିମୁଖେ ଯାତ୍ରା କରିଥିଲେ । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ସ୍ୱପ୍ନରେ ଏହି ଦୃଶ୍ୟ ଦେଖାଇ ଦିଆଗଲା ଯେ, ଆପଣ ସ.ଅ ନିଜର ସାହାବାମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ନିଜର କେଶ ମୁଣ୍ଡନ କରି ମକ୍କାରେ ପ୍ରବେଶ କରିଛନ୍ତି ଏବଂ ଆପଣ ସ.ଅ ବୈତୁଲ୍ଲାଃ (ଖାନା କାଆବା)ରେ ପ୍ରବେଶ କରିଛନ୍ତି ଓ ବୈତୁଲ୍ଲାଃର ଚାବି ନେଇ ନେଇଛନ୍ତି । ଆପଣ ସ.ଅ ଅରଫାତ୍ ନମାକ

ସ୍ଥାନରେ ଅବସ୍ଥାନ କରିଥିବା ତୀର୍ଥ ଯାତ୍ରୀଙ୍କ ସହିତ ଅବସ୍ଥାନ କରିଛନ୍ତି । ଆପଣ ସ.ଅ ଆରବବାସୀ ଏବଂ ଆଖପାଖରେ ଥିବା ଗାଉଁଲି ଲୋକମାନଙ୍କୁ ଡକାଇଲେ। କାରଣ ଏହି ସମସ୍ତ ଲୋକମାନେ ମଧ ଆପଣ ସ.ଅଙ୍କ ସହିତ ବାହାରନ୍ତୁ। ଉକ୍ତ ଯାତ୍ରାରେ ମୁସଲମାନମାନଙ୍କ ପାଖରେ ଖଡ଼ଗ ବ୍ୟତୀତ ଅନ୍ୟ କୌଣସି ଅସ୍ତ୍ର ନଥିଲା। ଏହି ଖଡ଼ଗଗୁଡ଼ିକ ଖଡ଼ଗ୍ ଖୋଳରେ ରହିଥିଲା । ସେହି କାଳରେ ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ନିଜ ଘରୁ ବାହାରକୁ ବାହାରୁଥିଲେ ସେତେବେଳେ ନିଜ ସାଙ୍ଗରେ ସେ ଖଡ଼ଗ ଧରି ବାହାରୁଥିଲେ । ଅତଏବ୍ ତହିଁରୁ ଏହା ମନେକରାଯାଉ ନଥିଲା ଯେ, ଯେଉଁ ବ୍ୟକ୍ତି ନିକଟରେ ଖଡ଼୍ଗ ରହିଛି ସେ ଅବଶ୍ୟ ଯୁଦ୍ଧ କରିବ । ହ. ଉମର୍ ର.ଅ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଯଦି ଏହି ଆଶଙ୍କା କରୁଛନ୍ତି ଯେ, ଅବୁ ସୁଫିୟାନ୍ ଏବଂ ତା'ର ସାଥିମାନଙ୍କ ତରଫରୁ ମୁସଲମାନମାନଙ୍କ ପ୍ରତି ବିପଦ ରହିଛି ତେବେ ଆପଣ ସ.ଅ ଯୁଦ୍ଧ ନିମନ୍ତେ କାହିଁକି ଅସ୍ତ୍ରଶସ୍ତ୍ର ନେଇ ନାହାନ୍ତି ? ଆପଣ ସ.ଅ କହିଲେ: "ହେ ଉମର୍ ! ମୁଁ ଉମ୍ରାହ କରିବା ଉଦ୍ଦେଶ୍ୟରେ ମକ୍କା ଅଭିମୁଖେ ଯାଉଅଛି । ତେଣୁ ମୁଁ ଏହା ଚାହୁଁ ନାହିଁ ଯେ, ମୁଁ ନିଜ ସାଥିରେ ଅସ୍ତ୍ରଶସ୍ତ୍ର ନେଇ ଯିବି ।"

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ସିରତ୍ ଖାତମ୍ନୁନ୍ ନବୀୟିନ୍‌ରେ ଆପଣ ସ.ଅଙ୍କ ଉକ୍ତ ସ୍ୱପ୍ନର ଚର୍ଚ୍ଚା କରି ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଆପଣ ସ.ଅ ଉକ୍ତ ସ୍ୱପ୍ନକୁ ଦେଖିବା ପରେ ନିଜର ସାହାବାମାନଙ୍କୁ ଆହ୍ୱାନ୍ ଦେଲେ ଯେ, ସେମାନେ ଉମ୍ରାହ୍ ନିମନ୍ତେ ପ୍ରସ୍ତୁତି କରନ୍ତୁ । ଉମ୍ରାହ୍ ଯଦିଚ ଏକ କ୍ଷୁଦ୍ର ତଥା ସଂକ୍ଷିପ୍ତ ହଜ୍ ଥିଲା ଯହିଁରେ ହଜ୍‌ର କେତେକ ପ୍ରଥାକୁ ପରିତ୍ୟାଗ କରି କେବଳ ବୈତୁଲ୍ଲାଃର ପରିକ୍ରମା କରାଯାଇଥାଏ ଏବଂ ବଳିଦାନ ଦିଆଯାଇଥାଏ । ହଜ୍‌ର ବିପରୀତ ଏଥି ନିମନ୍ତେ ବର୍ଷର କୌଣସି ବିଶେଷ ଭାଗ ନିର୍ଦ୍ଧାରିତ ନଥିଲା । ବରଂ ଉକ୍ତ ଉପାସନା ପ୍ରତ୍ୟେକ ଋତରେ ସମ୍ପାଦନ କରାଯାଇ ପାରିବ । ଇତ୍ୟବସରରେ ଆପଣ ସ.ଅ ସାହାବାମାନଙ୍କ ମଧ୍ୟରେ ଏହି ଘୋଷଣା କଲେ ଯେ, ଉକ୍ତ ଯାତ୍ରାରେ ଯଦିଓ କୌଣସି ପ୍ରକାରର ଯୁଦ୍ଧ କରିବାର ଉଦ୍ଦେଶ୍ୟ ନାହିଁ ବରଂ କେବଳ ଏକ ଶାନ୍ତିପୂର୍ଣ୍ଣ ଧାର୍ମିକ ଉପାସନା ସମ୍ପାଦନ କରିବା ଅଭିପ୍ରାୟ ରହିଛି । ତେଣୁ ମୁସଲମାନମାନଙ୍କ ପକ୍ଷେ ଏହା ଉଚିତ୍ ହେବ କି ସେମାନେ ଉକ୍ତ ଯାତ୍ରାରେ ନିଜ ସହିତ ନିଜର ଅସ୍ତ୍ରଶସ୍ତ୍ର ନେବେ ନାହିଁ । ବରଂ ଆରବର ପ୍ରଥାନୁଯାୟୀ ଖଡ଼୍ଗକୁ କେବଳ ନିଜର ଖୋଳ ମଧ୍ୟରେ ବନ୍ଦ ରଖି ଯାତ୍ରୀଙ୍କ ପରି ଖଡ଼୍ଗକୁ ନିଜ ସହିତ ରଖାଯାଇ ପାରିବ ।" **(ସିରତ୍ ଖାତମ୍ନୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-749)**

ହୁଦୈବିୟାହ୍ ଯୁଦ୍ଧ ଅବସରରେ ମୁସଲମାନମାନଙ୍କର ସଂଖ୍ୟା କେତେ ଥିଲା? ଏଥି ସଂକ୍ରାନ୍ତରେ ମଧ ମତପାର୍ଥକ୍ୟ ଦେଖିବାକୁ ମିଳେ । ଏକ ବର୍ଣ୍ଣନାରେ ସାହାବାମାନଙ୍କର ସଂଖ୍ୟା ଏକ ହଜାରରୁ ଉର୍ଦ୍ଧ୍ୱ ଥିଲାବେଳେ ଅନ୍ୟ ଏକ ବର୍ଣ୍ଣନାରେ ଏକ ହଜାର ତିନିଶହ ଅର୍ଥାତ୍ ତେରଶହ ଥିଲା । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ସାହାବାମାନଙ୍କର ସଂଖ୍ୟା ଚଉଦ ଶହ ଥିଲା । ସେହିପରି ସାହାବାମାନଙ୍କର ସତର ଶହ ସଂଖ୍ୟା ମଧ ଉଲ୍ଲେଖ ଥିବାର ବର୍ଣ୍ଣନା ମଧ ମିଳେ । ଅର୍ଥାତ୍ ହଜାରରୁ ନେଇ 1700 ପର୍ଯ୍ୟନ୍ତ ସାହାବାମାନଙ୍କର ସଂଖ୍ୟା ରହିଥିଲା ତାହାର ବିଭିନ୍ନ ବର୍ଣ୍ଣନାମାନ ମଧ ରହିଛି । **(ବୁଖାରୀ କିତାବୁଲ୍ ମନାସିକା, ବାବ୍- ମନ୍ ଅଶ୍ଅରା ୱ କଲ୍‌ଦା ବିକୁଲ୍ ହୁଲୈଫା.....ଶେଷ ହଦିସ୍: 1694) (ବୁଖାରୀ କିତାବୁଲ୍ ମୁଗାଜି ବାବ-ଗଜ୍‌ୱତୁଲ୍ ହୁଦୈବିୟାହ୍, ହଦିସ୍ ସଂଖ୍ୟା-4155, 4154, 4152) (ଫତହୁଲ୍ ବାରି, ଭାଗ-7, ପୃ-559, କଦିମି କୁତୁବ୍ ଖାନା)**

ଯେତେବେଳେ ପ୍ରସ୍ଥାନର ସମୟ ଆସିଲା ସେତେବେଳେ କୁର୍ବାନୀର ଜୀବ ହ. ନାଜିୟା ବିନ୍ ଜୁନ୍ଦୁବ୍ ଅସ୍‌ଲମିଙ୍କୁ ହସ୍ତାନ୍ତର କରିଦିଆଗଲା । ହ. ନାଜିୟା କୁର୍ବାନୀର ଜୀବମାନଙ୍କୁ ଜୁଲ୍ ହୁଲୈଫା ନେଇ ଯାଇଥିଲେ । ଜୁଲ୍ ହୁଲୈଫା ମଧ ମଦିନାରୁ 6, 7 ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନର ନାମ ଅଟେ । ଆଁହଜରତ ଯେତେବେଳେ କୌଣସି ସ୍ଥାନକୁ ଯାତ୍ରା କରୁଥିଲେ ସେତେବେଳେ ଆପଣ ସ.ଅ ନିଜ ସ୍ଥାନରେ ଜଣେ ବ୍ୟକ୍ତିକୁ ଅମୀର ରୂପେ ନିଯୁକ୍ତ କରୁଥିଲେ । ସେହି ଅମୀର ଆପଣ ସ.ଅଙ୍କର ପ୍ରତିସ୍ଥାନିକ ହେଉଥିଲା । ସୁତରାଂ ଇବ୍‌ନେ ସାଆଦ୍‌ଙ୍କ ଅନୁଯାୟୀ ଉକ୍ତ ଯାତ୍ରାରେ ବାହାରିବା ସମୟରେ ଆପଣ ସ.ଅ ମଦିନାରେ ନିଜ ସ୍ଥାନରେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍ ର.ଅଙ୍କୁ ନିଜର ନାଏବ୍ (ଉପ ଅମୀର) ରୂପେ ନିଯୁକ୍ତ କରିଥିଲେ । ଅପରପକ୍ଷେ ଇବ୍‌ନେ ହିସ୍ସାମ୍‌ର ବର୍ଣ୍ଣନା ରହିଛି ଯେ, ହ. ନୁମୈଲା ବିନ୍ ଅବ୍‌ଦୁଲ୍ଲାଃ ର.ଅଙ୍କୁ ନାଏବ୍ ନିଯୁକ୍ତ କରାଗଲା ଏବଂ ବଲାଜୁରୀ ହ. ଅବୁ ରୁହମା କୁଲସୁମ୍ ବିନ୍ ହୁସୈନ୍‌ଙ୍କର ଚର୍ଚ୍ଚା କରିଛନ୍ତି । ସେହିପରି ଅନ୍ୟ ବର୍ଣ୍ଣନାକାରୀଙ୍କ ମତରେ ହ. ଇବ୍‌ନେ ଉମ୍ମେ ମକ୍‌ତୁମ୍‌ଙ୍କୁ ଇମାମୁସ୍ ସଲାତ୍ ଭାବରେ ଆଁହଜରତ ସ.ଅ ନିଯୁକ୍ତ କଲେ ଓ ଅନ୍ୟ ସମସ୍ତଙ୍କୁ ନାଏବ୍ ଭାବରେ ନିଯୁକ୍ତ କଲେ । ବିଭିନ୍ନ ବର୍ଣ୍ଣନା ରହିଛି । **(ସବ୍‌ଲୁଲ୍ ହୁଦା, ଭାଗ-5, ପୃ-33, ଦାରୁଲ୍ କୁତୁବୁଲ୍ ଇଲମିୟାହ୍) (ଜୀବନୀ ଶବ୍ଦକୋଷ, ପୃ-105)**

ଆଁହଜରତ ସ.ଅ ଏବଂ ସାହାବାମାନଙ୍କର ଯାତ୍ରା ନିମନ୍ତେ ପ୍ରସ୍ତୁତ ହେବା ଓ ପ୍ରସ୍ଥାନ ସଂପର୍କିତ ଘଟଣାବଳୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ଏହି ଘୋଷଣା କରିବା ପରେ ନିଜ ଘରେ ଭିତରକୁ ପ୍ରବେଶ କଲେ ଏବଂ ସ୍ନାନ କଲେ। ଆପଣ ସ.ଅ ସୁହାର୍ (ଏକ ସ୍ଥାନର ନାମ) ଦ୍ୱାରା ଦୁଇଟି ପୋଷାକ ପରିଧାନ (ପିନ୍ଧିଲେ) କଲେ । ସୁହାର୍ ହେଉଛି ୟମନ୍‌ରେ ଅବସ୍ଥିତ ଏକ ଗ୍ରାମର ନାମ । ଉକ୍ତ ସ୍ଥାନରେ ନିର୍ମିତ ବସ୍ତ୍ର ଅତ୍ୟନ୍ତ ଉତ୍କୃଷ୍ଟ ହେଉଥିଲା । ଏତଦ୍‌ପରେ ଆପଣ ସ.ଅ ନିଜ ଦ୍ୱାର ନିକଟକୁ ଆସିଲେ । ଆପଣ ସ.ଅ ବାହାରକୁ ଆସିଲେ ଓ ଆପଣ ସ.ଅଙ୍କ ଦୁଆର ନିକଟରେ ଏକ ଓ ମାଈ ଓଟ ଯାହାର ନାମ କସୱା ଥିଲା ବନ୍ଧା ହୋଇଥିଲା। ସେହି ମାଈ ଓଟ ଉପରେ ଆପଣ ସ.ଅ ଆରୋହଣ ହେଲେ । ଉକ୍ତ ଯାତ୍ରାରେ ଆପଣ ସ.ଅଙ୍କ ପବିତ୍ର ପତ୍ନି ହ. ଉମ୍ମେ ସଲମା ର.ଅ ମଧ ଆପଣ ସ.ଅଙ୍କ ସହିତ ଥିଲେ । ରସୁଲ୍ କରୀମ୍ ସ.ଅ ଜୁଲ୍ କାଆଦାର ପ୍ରାରମ୍ଭିକ ଦିନ ଅର୍ଥାତ୍ ସୋମବାର ଦିନ ଘରୁ ବାହାରି ଥିଲେ । ଆପଣ ସ.ଅ ଜୁଲ୍ ହୁଲୈଫା ଠାରେ ପହଞ୍ଚି ସେଠାରେ ଜୋହୋର୍ ନମାଜ ପାଠ କଲେ । ପୁନଶ୍ଚ କୁର୍ବାନୀ (ଜୀବ) ବଳିଦାନ ମଗେଇଲେ (ବରାଦ୍) କଲେ । ସେହି ଜୀବମାନଙ୍କର ସଂଖ୍ୟା ପ୍ରାୟ 70 ଥିଲା । ସେହି ଜୀବମାନଙ୍କୁ ଆପଣ ସ.ଅ ଗାନିୟାଁ (ଅର୍ଥାତ୍ ହାର) ପିନ୍ଧାଇଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ କେତେକ ଓଟମାନଙ୍କୁ ଇଶ୍‌ଆରା ଅର୍ଥାତ୍ ସେମାନଙ୍କ କୂଜ ଉପରେ ଚିହ୍ନ ଲଗାଇଲେ। କାରଣ ଏହା ଜଣା ପଡ଼ିଯିବ ଯେ, ଉକ୍ତ ଓଟଗୁଡ଼ିକ କୁର୍ବାନୀର ଓଟ ଅଟନ୍ତି । ପୁନଶ୍ଚ ଆପଣ ସ.ଅ ହ. ନାଜିୟା ବିନ୍ ଜୁନ୍ଦୁବ୍ ର.ଅଙ୍କୁ ଆଦେଶ ଦେଲେ ଯେ, ସେ ବଳକା ଜୀବମାନଙ୍କ ଉପରେ ଚିହ୍ନ ଲଗାଇ ଦିଅନ୍ତୁ । ସୁତରାଂ ସେ ଜୀବମାନଙ୍କ କୂଜ ଉପରେ ଚିହ୍ନ ଲଗାଇଦେଲେ ଏବଂ ସେହି ଜୀବମାନଙ୍କୁ ହାର ପିନ୍ଧାଇଲେ । ମୁସଲମାନମାନଙ୍କ ନିକଟରେ ଉକ୍ତ ଯାତ୍ରାରେ 200 ଅଶ୍ୱ ଥିଲେ ।

ଆଁହଜରତ ସ.ଅଙ୍କ ଏହ୍‌ରାମ୍ ବାନ୍ଧିବା ସଂକ୍ରାନ୍ତରେ ଏକ ସବିଶେଷ ବିବରଣୀ ଏହିପରି ମିଳେ ଯେ, ରସୁଲ୍ କରୀମ୍ ସ.ଅ ଦୁଇ ରକାତ୍ (ରେକାତ୍) ନମାଜ୍ ପାଠ କଲେ ଏବଂ ଜୁଲ୍ ହୁଲୈଫାର ମସ୍‌ଜିଦର ଦ୍ୱାରା ଦେଇ ବାହନ ଉପରେ ଆରୋହଣ ହେଲେ । ଆପଣ ସ.ଅ ଉମ୍ରାହ୍‌ର ଏହ୍‌ରାମ୍ ବାନ୍ଧିଲେ । କାରଣ ଲୋକମାନେ ଜାଣି ନିଅନ୍ତୁ (ଲୋକମାନଙ୍କୁ ଜ୍ଞାତ ହୋଇଯାଉ) ଯେ, ଆପଣ ସ.ଅ ବୈତୁଲ୍ଲାଃ ଦର୍ଶନ ଓ ବୈତୁଲ୍ଲାଃ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ବାହାରିଛନ୍ତି । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ତଲ୍‌ବିୟା ପାଠ କଲେ ।

لَبَّيْكَ اللّٰهُمَّ لَبَّيْكَ لَبَّيْكَ لَا شَرِيْكَ لَكَ لَبَّيْكَ۔
اِنَّ الْحَمْدَ وَالنِّعْمَةَ لَكَ وَالْمُلْكَ لَا شَرِيْكَ لَكَ۔

ହେ ଅଲ୍ଲାଃ ! ମୁଁ ଉପସ୍ଥିତ ଅଛି । ମୁଁ ଉପସ୍ଥିତ ଅଛି । ତୁମ୍ଭର କେହି ସମକକ୍ଷ ନାହାନ୍ତି । ମୁଁ ଉପସ୍ଥିତ ଅଛି । ସକଳ ପ୍ରଶଂସା ଏବଂ ପୁରସ୍କାର ତଥା ପ୍ରତିଫଳ ତୁମ୍ଭ ନିମନ୍ତେ ଉଦ୍ଦିଷ୍ଟ ଏବଂ ରାଜତ୍ୱ ତୁମ୍ଭରି ଅଟେ । ତୁମ୍ଭର କେହି ସମକକ୍ଷ ନାହାନ୍ତି । ତୁମ୍ଭେ ସମକକ୍ଷ ବିହୀନ ଅଟେ ।

ନବୀ କରୀମ୍ ସ.ଅ କୁରୈଶ୍‌ମାନଙ୍କର ଅବସ୍ଥା ସଂପର୍କରେ ଯେତେବେଳେ ଜାଣିବାକୁ ଉଦ୍ୟମ କଲେ ଯେ, କୁରେଶ୍‌ମାନେ କୌଣସି ଉପଦ୍ରବ କରିବାର ଇଚ୍ଛା ପ୍ରକାଶ କରୁ ନାହାନ୍ତି ତ' । ଅତଃ ଆପଣ ସ.ଅ ହ. ବୁସର ବିନ୍ ସୁଫିୟାନ୍ ର.ଅ ନାମକ ଏକ ସନ୍ଦେଶ ବାହକଙ୍କୁ ଆଗକୁ ପ୍ରେରଣ କଲେ ଏବଂ ଅତିରିକ୍ତ ସତର୍କତା ସ୍ୱରୂପ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅଙ୍କୁ ପ୍ରେରଣ କଲେ ।

ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ହ. ସାଆଦ୍ ବିନ୍ ଜୈଦ୍ ଅଶ୍‌ହଲୀଙ୍କୁ 20 ଜଣ ଅଶ୍ୱାରୋହୀଙ୍କ ଉପରେ ଅମୀର ରୂପେ ନିଯୁକ୍ତ କରି ଆଗକୁ ପ୍ରେରଣ କଲେ । **(ସବ୍‌ଲୁଲ୍ ହୁଦା, ଭାଗ-5, ପୃ-33-34, 80, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଆଁହଜରତ ସ.ଅ ବିଭିନ୍ନ ସ୍ଥାନରେ ଶିବିର ପକାଇ ଗୌହା ନାମକ ସ୍ଥାନରେ ପହଞ୍ଚିଲେ (ମଦିନା ଠାରୁ 73 କି.ମି ଦୂରରେ ଗୌହା ଅବସ୍ଥିତ) ସେତେବେଳେ ଆପଣ ସ.ଅଙ୍କୁ ସୂଚନା ମିଳିଲା ଯେ, ଲୋହିତ ସାଗର ସହିତ ଉପକୂଳରେ ଅବସ୍ଥିତ ଗୈକା ଠାରେ କେତେକ ମୁସ୍‌ରିକିନ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା


**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ବ୍ୟକ୍ତି) ରହୁଛନ୍ତି । ସେହି ମୁସରିକିନମାନଙ୍କ ପକ୍ଷରୁ ବିପଦର ଆଶଙ୍କା ରହିଛି ଯେ, ସେମାନେ ମୁସଲମାନମାନଙ୍କ ଉପରେ ସହସା ଆକ୍ରମଣ କରିଦେବେ । ତେଣୁ ଆପଣ ସ.ଅ ହ. ଅବୁ କତାଦା ଅନ୍‌ସାରୀ ର.ଅଙ୍କୁ ଉମ୍ରାହ୍‌ର ଏହରାମ୍ ବାନ୍ଧି ନଥିଲେ। ସାହାବାମାନଙ୍କର ଏକ ଗୋଷ୍ଠୀଙ୍କ ସହିତ ସେମାନଙ୍କ ଆଡ଼କୁ ପ୍ରେରଣ କଲେ । **(ଫତ୍‌ହୁଲ୍ ବାରି, ଭାଗ-4, ପୃ-28, କଦିମି କୁତୁବ୍ ଖାନା) (ଜୀବନୀ ଶବ୍ଦକୋଷ, ଭାଗ-8, ପୃ-50, ଦାରୁସ୍ ସଲାମ୍)**

ଉକ୍ତ ଯାତ୍ରାରେ କେତେକ ଚମତ୍କାରର ଚର୍ଚ୍ଚା ମଧ୍ୟ ମିଳେ । ଯାତ୍ରା ସମୟରେ ଏକ ସ୍ଥାନରେ ଲୋକମାନେ ଆଁହଜରତ ସ.ଅଙ୍କ ଆଖପାଖରେ ଏକତ୍ରିତ ହୋଇଗଲେ। ଅପରପକ୍ଷେ ଆପଣ ସ.ଅଙ୍କ ସମ୍ମୁଖରେ ଏକ ଜଳର ଥଳୀ ଥିଲା । ଆପଣ ସ. ସେହି ଜଳରୁ ୱୁଜୁ (ହସ୍ତ, ପାଦ, ମୁଖ ପ୍ରେକ୍ଷାଳନ) କରୁଥିଲେ । ଆପଣ ସ.ଅ ପଚାରିଲେ, କ'ଣ ହୋଇଛି ? ସାହାବାମାନେ କହିଲେ, ଆପଣ ସ.ଅଙ୍କ ନିକଟରେ ଉକ୍ତ ବାସନରେ ତ' ଜଳ ରହିଛି । କିନ୍ତୁ ଆପଣ ସ.ଅଙ୍କ ବାସନରେ ଥିବା ସେହି ଜଳ ବ୍ୟତୀତ ଆମମାନଙ୍କ ମଧ୍ୟରୁ କାହାରି ନିକଟରେ ପାନୀୟ ଜଳ ନାହିଁ ଓ ନା ୱଜୁ ନିମନ୍ତେ ଜଳ ରହିଛି । ଉକ୍ତ କଥା ଶୁଣି ଆଁହଜରତ ସ.ଅ ଉକ୍ତ ବାସନରେ ନିଜର ହସ୍ତ ରଖିଲେ । ସେହି ସମୟରେ ଆପଣ ସ.ଅଙ୍କ ଆଙ୍ଗୁଠି ମଧ୍ୟରୁ ଏପରି ଜଳର ଝରଣା ଝରିବାକୁ ଲାଗିଲା ଯେପରି ପର୍ବତରୁ ପ୍ରକୃତ ଝରଣା ପ୍ରବାହିତ ହୋଇଯାଇଛି । ହ. ଜାବିର୍ ର.ଅ କୁହନ୍ତି ଯେ, ଆମେମାନ ସମସ୍ତେ ଜଳ ପାନ କଲୁ ଓ ୱଜୁ କଲୁ । ଆମେମାନେ ଯଦି ଏକ ଲକ୍ଷ ସଂଖ୍ୟାରେ ହୋଇଥାଆନ୍ତୁ ତେବେ ସେହି ଜଳ ଆମମାନଙ୍କ ନିମନ୍ତେ ଯଥେଷ୍ଟ ହୋଇ ଯାଇଥାଆନ୍ତା । ଅପରପକ୍ଷେ ଆମମମାନଙ୍କର ସଂଖ୍ୟା ସେତେବେଳେ ମାତ୍ର 1500 ଥିଲା ।

**(ସିରତୁଲ୍ ହଲବିୟା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉକ୍ତ ଘଟଣାକୁ ଇତିହାସ ପୁସ୍ତକରୁ ସଂଗ୍ରହ କରି ଏହିପରି ବର୍ଣ୍ଣନା କରିଛନ୍ତି: "ଯାତ୍ରା ସମୟରେ.........ଏମିତି ଏକ ସମୟ ମଧ୍ୟ ଆସିଥିଲା ଯେ, ଆଁହଜରତ ସ.ଅଙ୍କ ଯେଉଁ ଲୋଟା ବ୍ୟବାହର କରୁଥିଲେ ସେହି ଲୋଟା ବ୍ୟତୀତ ଅନ୍ୟ ସମସ୍ତ ବାସନ, ଥଳୀ ଏବଂ ଲୋଟା ଆଦି ପାତ୍ରରୁ ଜଳ ସମାପ୍ତ ହୋଇଯାଇଥିଲା । ଇତ୍ୟବସରରେ ସାହାବାମାନେ ଯେତେବେଳେ ସମସ୍ୟାର ସମ୍ମୁଖୀନ ହେଲେ ସେତେବେଳେ ସାହାବାମାନେ ଆଁହଜରତ ସ.ଅଙ୍କ ନକଟରେ ଅଭିଯୋଗ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସମସ୍ତ ପାତ୍ରରୁ ଜଳ ସମାପ୍ତ ହୋଇ ଯାଇଛି । ଆପଣ ସ.ଅ ନିଜ ଲୋଟାର ମୁହଁରେ ନିଜର ପବିତ୍ର ହସ୍ତ ରଖିଲେ ଏବଂ ଲୋଟାର ମୁଖକୁ ତଳକୁ ଆନତ କରି ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ବର୍ତ୍ତମାନ ନିଜ ନିଜ ବାସନ, ପାତ୍ର ଓ ଥଳୀ ଆଣ ଏବଂ ଉକ୍ତ ଲୋଟାରୁ ନିଜ ନିଜର ଜଳପାତ୍ରକୁ ଭର୍ତ୍ତି କରିନିଅ । ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ସେତେବେଳେ ଆପଣ ସ.ଅଙ୍କ ଆଙ୍ଗୁଠି ମଧ୍ୟରୁ ଜଳ ଏପରି ନିର୍ଗତ ହେଉଥିଲା ଯେପରି କୌଣସି ସ୍ଥାନ ଏବଂ ପର୍ବତରୁ ଝରଣା ପ୍ରବାହିତ ହେଉଅଛି । ସୁତରାଂ ସମସ୍ତ ସାହାବାମାନେ ନିଜ ନିଜର ଆବଶ୍ୟକତା ଅନୁଯାୟୀ ଉକ୍ତ ଲୋଟାରୁ ଜଳ ସଂଗ୍ରହ କରିନେଲେ ଏବଂ ମୁସଲମାନମାନଙ୍କର ସମସ୍ୟା କ୍ରମଶଃ ଦୂରୀଭୂତ ହୋଇଗଲା । ଅର୍ଥାତ୍ ସମସ୍ୟାର ସମାଧାନ ହୋଇଗଲା ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-751)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି ଯେ, ଉକ୍ତ ଘଟଣା ସଂକ୍ରାନ୍ତରେ ଆପଣ ଅ.ସ ବର୍ଣ୍ଣନା କରି କୁହନ୍ତି: "ସାକ୍ଷାତ୍ ସ୍ତରରେ ବେଳେବେଳ ମନୁଷ୍ୟମାନଙ୍କ ଦ୍ୱାରା ଏପରି କର୍ମ ସମ୍ପାଦିତ ହୋଇଯାଇଥାଏ ଯାହାକି ମନୁଷ୍ୟର ସାମର୍ଥ୍ୟ ଠାରୁ ଉର୍ଦ୍ଧ୍ୱରେ ଥିବାର ଜ୍ଞାତ ହୋଇଥାଏ (ସାମର୍ଥ୍ୟ ବହିର୍ଭୂତ କାର୍ଯ୍ୟ) । ଐଶୀ ଶକ୍ତିର ରୂପ ନିଜ ମଧ୍ୟରେ ରଖିଥାଏ........ଅନେକ ଚମତ୍କାର ରହିଛି ଯାହାକି କେବଳ ବ୍ୟକ୍ତିଗତ ସାମର୍ଥ୍ୟତା ଦ୍ୱାରା ଆଁହଜରତ ସ.ଅ ପ୍ରକାଶ କିରଛନ୍ତି । ସେହି ଚମତ୍କାର ସହିତ କୌଣସି ଦୁଆ (ପ୍ରାର୍ଥନା) ନଥିଲା । ଅନେକ ଥର ସ୍ୱଳ୍ପ ଜଳକୁ ଅର୍ଥାତ୍ ଗୋଟିଏ ପିଆଲା ଜଳରେ ଯେତେବେଳେ ଆପଣ ନିଜର ଆଙ୍ଗୁଠି ପ୍ରବେଶ କରୁଥିଲେ ସେତେବେଳେ ତାହା ଏପରି ଭାବରେ ବୃଦ୍ଧି ପାଉଥିଲା ଯେପରିକି ସେହି ଜଳକୁ ସମସ୍ତ ଓଟ ଏବଂ ଅଶ୍ୱମାନେ ମଧ୍ୟ ପାନ କରୁଥିଲେ । ତଥାପି ଜଳ ହ୍ରାସ ପାଇଲା ନାହିଁ । ଅର୍ଥାତ୍ ଯେତିକି ପରିମାଣର ଜଳ ଥିଲା ସିତିକି ପରିମାଣର ଜଳ ଅବଶିଷ୍ଟ ରହିଲା । ସେହିପରି ଆପଣ ସ.ଅ 4ଟି ରୁଟି ଉପରେ ନିଜର ପବିତ୍ର କଲ୍ୟାଣମୂଳକ ହସ୍ତ ରଖିବା ଦ୍ୱାରା ସେହି 4 ପଟ ରୁଟି ସହସ୍ର ସହସ୍ର ବୁଭୁକ୍ଷୁ ବା କ୍ଷୁଧାର୍ତ୍ତ (ଭୋକିଲା ଲୋକ)ଙ୍କର ଉଦର (ପେଟ) ପୂରି ଯାଉଥିଲା । ସେହିପରି ବେଳେବେଳେ ଆପଣ ସ.ଅ ସାମନ୍ୟ କ୍ଷୀରକୁ ନିଜର ପବିତ୍ର ତୁଣ୍ଡ ସ୍ୱର୍ଶ କରିବା ମାତ୍ରେ କଲ୍ୟାଣମୂଳକ ଭାବରେ ତାହା ଏକ ଗୋଷ୍ଠୀର ପେଟକୁ ପୂର୍ଣ୍ଣ କରି ଦେଉଥିଲା । ଅର୍ଥାତ୍ କ୍ଷୀର ପାନ କରି ସହାବାମାନଙ୍କର ତୃଷ୍ଣା ନିବାରଣ ହୋଇ ସେମାନଙ୍କର ପେଟ ପୂରି ଯାଉଥିଲା। ସେହପରି ବେଳେବେଳେ ଆପଣ ସ.ଅ ଲୁଣିଆ କୂପରେ ନିଜର ପବିତ୍ର ଲାଳ ପକାଇ ତାହାକୁ ମଧୁର ଜଳରେ ପରିଣତ କରିଦେଇଥିଲେ । ସେହିପରି ଆପଣ ସ.ଅ ବେଳେବେଳେ ଗମ୍ଭୀର ଭାବରେ ଆହତ ହୋଇଥିବା ବ୍ୟକ୍ତି ଉପରେ ନିଜର ହସ୍ତ ରଖି ସେମାନଙ୍କୁ ସୁସ୍ଥ କରି ଦେଉଥିଲେ । ସେହିପରି ବେଳେବେଳେ ଆପଣ ସ.ଅ ଯୁଦ୍ଧରେ ସଂଗ୍ରାମ କରି ଚକ୍ଷୁ ହରାଇଥିବା ଯୋଦ୍ଧାର ଚକ୍ଷୁ ଡୋଳାକୁ ନିଜର ପବିତ୍ର କଲ୍ୟାଣ ହସ୍ତ ଦ୍ୱାରା ଠିକ୍ କରି ଦେଉଥିଲେ । ସେହିପରି ଆହୁରି ଅନେକ କାର୍ଯ୍ୟ ରହିଛି ଯାହାକୁ ଆପଣ ସ.ଅ ବ୍ୟକ୍ତିଗତ ସମାର୍ଥ୍ୟ ମାଧ୍ୟମରେ ସମ୍ପାଦନ କଲେ। ସେହି ସମସ୍ତ କାର୍ଯ୍ୟ ସହିତ ଐଶୀ ଶକ୍ତି ମିଶ୍ରିତ ଓ ଐଶୀ ଶକ୍ତି ନିହିତ ଥିଲା ।"

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-65-66)**

ଉପରୋକ୍ତ ବିଷୟବସ୍ତୁର ଚର୍ଚ୍ଚା ଆପଣ ସ.ଅ ଆଁହଜରତ ସ.ଅଙ୍କ ଚମତ୍କାର ପ୍ରକାଶରେ କରିଛନ୍ତି । ଆଁହଜରତ ସ.ଅଙ୍କ ଯାତ୍ରା ନିମନ୍ତେ ପ୍ରସ୍ତୁତ ହେବାର ସୂଚନା ଯେତେବେଳେ କୁରୈଶ୍‌ମାନଙ୍କୁ ପ୍ରାପ୍ତ ହେଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନଙ୍କ ସହିତ ପରାମର୍ଶ କରିବାର ଚର୍ଚ୍ଚା ମଧ୍ୟ ମିଳେ । କୁରୈଶ୍‌ମାନେ ଏକଥା ଜାଣିଥିଲେ ଯେ, ମୁସଲମାନମାନେ ଯୁଦ୍ଧ କରିବା ନିମନ୍ତେ ନୁହେଁ ବରଂ ବୈତୁଲ୍ଲାଃର ଦର୍ଶନ ନିମନ୍ତେ ଆସୁଛନ୍ତି । ତେଣୁ ସେମାନେ ମୁସଲମାନମାନଙ୍କୁ ଅଟକାଇବା ପାଇଁ ନିଷ୍ପତ୍ତି ନେଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ଯିଏ ଖଡ୍‌ଗ ଧରିପାରୁ ଥିଲା ଏବଂ ମୁସଲମାନମାନଙ୍କୁ ଅଟକାଇ ପାରୁଥିଲା ସେ ବାହାରି ଆସିଲା । କୁରୈଶ୍‌ମାନଙ୍କୁ ଉକ୍ତ କଥା ଜ୍ଞାତ ଥିଲା ଯେ, ମୁସଲମାନମାନେ ଆସୁଛନ୍ତି । ତେଣୁ କୁରୈଶମାନେ ନିଜର ମିତ୍ରମାନଙ୍କୁ ସାଙ୍ଗରେ ମିଶାଇ ଆଠ ହଜାର ସୈନ୍ୟ ସାମନ୍ତଙ୍କୁ ଧରି ମକ୍କାର ପଶ୍ଚିମ ଦିଗରେ ବଲ୍‌ଦାହ୍ ନାମକ ଉପତ୍ୟକାରେ ଶିବିର ସ୍ଥାପନ କଲେ । ସୁତରାଂ କୁରୈଶମାନେ ଖାଲିଦ୍ ବିନ୍ ୱଲିଦଙ୍କୁ 200 ଅଶ୍ୱାରୋହୀଙ୍କ ସମେତ ଆଁହଜରତ ସ.ଅ ଓ ସାହାବାମାନଙ୍କର ରାସ୍ତ ଅବରୋଧ କରିବା ନିମନ୍ତେ ଉସ୍‌ଫାନ୍ ଠାରୁ 8 ମାଇଲ୍ ଦୂରରେ କୁରାଉଲ୍ ଗମିମ୍ ନାମକ ଏକ ଉପତ୍ୟକା ଅଭିମୁଖେର ପ୍ରେରଣ କଲେ । **(ସୁଲାହ୍ ହୁଦୈବିୟାହ୍, ଲେଖକ-ବାଶ୍‌ମିଲ୍, ପୃ-114-119, ନଫିସ୍ ଏକାଡ଼େମୀରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-61, 243)**

ହ. ମିସ୍‌ୱର୍ ବିନ୍ ମଖ୍‌ରମା ବିନ୍ ହକମ୍ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ. ଉସ୍‌ଫାନ୍ ନିକଟବର୍ତ୍ତୀ ଅଶ୍‌ତାତ୍‌ର ପୋଖରୀ ଠାରେ ଯେତେବେଳେ ପହଞ୍ଚିଲେ ସେତେବେଳେ ଆପଣ ସ.ଅଙ୍କ ଗୁପ୍ତଚର ଆପଣ ସ.ଅଙ୍କ ନିକଟକୁ ଆସିଲା । ସେ କହିଲା କି କୁରୈଶ୍‌ମାନେ ଆପଣ ସ.ଅଙ୍କ ନିମନ୍ତେ ବିଶାଳ ସୈନ୍ୟବାହିନୀ ଏକତ୍ରିତ କରିଛନ୍ତି । ସେମାନେ ଆପଣ ସ.ଅଙ୍କ ବିରୁଦ୍ଧରେ ବିଭିନ୍ନ ସଂପ୍ରଦାୟମାନଙ୍କୁ ଏକତ୍ରିତ କରିଛନ୍ତି । ସେମାନେ ଆପଣ ସ.ଅଙ୍କ ସହିତ ଯୁଦ୍ଧ କରିବେ ଓ ଆପଣ ସ.ଅଙ୍କୁ ବୈତୁଲ୍ଲାଃର ପରିକ୍ରମା କରିବାକୁ ଅଟକାଇବେ । ଆପଣ ସ.ଅ କହିଲେ, ହେ ଲୋକମାନେ ଅର୍ଥାତ୍ ସାହାବାମାନେ ! ତୁମେମାନେ ମୋତେ ପରାମର୍ଶ ପ୍ରଦାନ କର (ମୁଁ ବର୍ତ୍ତମାନ କ'ଣ କରିବି ?) । ହେ ସାହାବାମାନେ ! କ'ଣ ତୁମେମାନେ ଏହା ପସନ୍ଦ କରୁଛ କି ଯେଉଁ ଲୋକମାନେ ଆମମାନଙ୍କୁ ବୈତୁଲ୍ଲାଃର ପରିକ୍ରମ କରିବାକୁ ରୋକିବା ନିମନ୍ତେ ପ୍ରୟାସ କରୁଛନ୍ତି ସେହି ଲୋକମାନଙ୍କର ପରିବାରବର୍ଗ ଓ ସନ୍ତାନସନ୍ତତି ଇତ୍ୟାଦି ସମସ୍ତଙ୍କ ଉପରେ ମୁଁ ଚଢଉ କରିଦେବି ଏବଂ ସେମାନେ ଯଦି ଆମ ଆଡ଼କୁ ଆସନ୍ତି ତେବେ ଆମେମାନେ ସେମାନଙ୍କୁ ପରାସ୍ତ କରି ଛାଡ଼ିଦେବୁ? ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ବୈତୁଲ୍ଲାଃ ପରିକ୍ରମା କରିବାର ସଂକଳ୍ପ ନେଇ ଘରୁ ବାହାରିଥିଲେ । ଆପଣ ସ.ଅ କୌଣସି ବ୍ୟକ୍ତିକୁ ହତ୍ୟା କରିବାର ସଂକଳ୍ପ ନେଇ ବାହାରି ନାହାନ୍ତି ଓ ନା ହିଁ କାହା ସହିତ ଆପଣ ଯୁଦ୍ଧ ଏବଂ କଳହ କରିବାର ସଂକଳ୍ପ ନେଇ ବାହାରିଛନ୍ତି । ତେଣୁ ଆପଣ ସ.ଅ ସେହି ଘର ଅଭିମୁଖେ ଚାଲନ୍ତୁ । ଅର୍ଥାତ୍ ଖାନା କାଆବା ଅଭିମୁଖେ ଚାଲନ୍ତୁ। ତେଣୁ ଯେଉଁ ବ୍ୟକ୍ତି ଆମମାନଙ୍କୁ ବୈତୁଲ୍ଲାଃ ପରିକ୍ରମା କରିବାକୁ ଅଟକାଇବାକୁ ଚେଷ୍ଟା କରିବା ଆମେମାନେ ସେହି ବ୍ୟକ୍ତି ସହିତ ଯୁଦ୍ଧ କରିବୁ । **(ବୁଖାରୀ କିତାବୁଲ୍ ମୁଗାଜି, ଅଧ୍ୟାୟ-ଗଜ୍‌ୱତୁଲ୍ ହୁଦୈବିୟାହ୍, ହଦିସ୍ ସଂଖ୍ୟା-4178-4179)**

ଅର୍ଥାତ୍ ଆମମାନଙ୍କୁ ନିଜର କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ ଏବଂ ଯାତ୍ରା ଜାରି ରଖିବା ଉଚିତ୍ । ହ. ଉସୈଦ୍ ବିନ୍ ହୁଜୈର୍ ର.ଅ ହ. ଅବୁ ବକ୍କର ର.ଅଙ୍କ ଉକ୍ତ କଥାକୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସମର୍ଥନ ଜଣାଇଲେ । ହ. ଅବୁ ବକ୍କର ର.ଅଙ୍କ ପରେ ହ. ମିକଦାଦ୍ ର.ଅ କହିଲେ, ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କୁ ସେକଥା କହୁ ନାହୁଁ ଯାହା ବନି ଇସ୍ରାଇଲର ଲୋକମାନେ ହ. ମୁସା ଅ.ସଙ୍କୁ କହିଥିଲେ । ବନି ଇସ୍ରାଇଲର ଲୋକମାନେ ହ. ମୁସା ଅ.ସଙ୍କୁ ଏକଥା କହିଥିଲେ ଯେ, ହେ ମୁସା ! ତୁମ୍ଭେ ଓ ତୁମ୍ଭର ଈଶ୍ୱର ଯାଇ ଶତ୍ରୁ ସହିତ ଯୁଦ୍ଧ କର ଆମେମାନେ ତ' ଏଇଠି ହିଁ ବସି ରହିଛୁ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଚାଲନ୍ତୁ । ଆପଣ ସ.ଅ ଓ ଆପଣ ସ.ଅଙ୍କ ଈଶ୍ୱର ଯୁଦ୍ଧ କରନ୍ତୁ । ଆମେମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ମିଶି ଶତ୍ରୁ ବିପକ୍ଷରେ ଯୁଦ୍ଧ ଲଢ଼ିବୁ । **(ସବ୍ଲୁଲ୍ ହୁଦା, ଭାଗ-5, ପୃ-37, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଉକ୍ତ ଘଟଣାକୁ ହ. ମୁସଲେହ୍ ମଉଦ୍ ର.ଅ ନିଜସ୍ୱ ଢଙ୍ଗରେ ବର୍ଣ୍ଣନା କରି କୁହନ୍ତି: "ମକ୍କାବାସୀଙ୍କୁ ଯେତେବେଳେ ଜ୍ଞାତ ହୋଇଗଲା ଯେ, ରସୁଲୁଲ୍ଲାଃ ସ.ଅ ଓ ସାହାବାମାନେ ବୈତୁଲ୍ଲାଃର ପିରକ୍ରମା ନିମନ୍ତେ ଆସୁଛନ୍ତି । ସେତେବେଳେ କୁରୈଶ୍‌ମାନେ ମୁସଲମାନମାନଙ୍କୁ କହିଲେ, ହେ ମୁସଲମାନମାନେ ! ତୁମେମାନଙ୍କୁ ଏଠାକୁ ଆସିବା ନିମନ୍ତେ କିଏ ଅନୁମତି ପ୍ରଦାନ କଲା ? ମୁସଲମାନମାନେ କହିଲେ, ଆମେମାନେ ଏଠାକୁ ଯୁଦ୍ଧ କରିବା ନିମନ୍ତେ ଆସି ନାହୁଁ । ବରଂ ଆମେମାନେ ଏଠାକୁ କେବଳ ଏଇଥି ପାଇଁ ଆସିଛୁ ଯେ, ଆମେମାନେ ଉମ୍ରାହ୍ କରିନେବୁ । ଉକ୍ତ ସ୍ଥାନଟି ତୁମ ନିକଟରେ ମଧ୍ୟ କଲ୍ୟାଣମୂଳକ ଅଟେ ଓ ଆମମାନଙ୍କ ନିମନ୍ତେ ମଧ୍ୟ କଲ୍ୟାଣମୂଳକ ଅଟେ । ତେଣୁ ଆମେମାନେ ଏଥି ସକାଶେ ବୈତୁଲ୍ଲାଃ ଦର୍ଶନ କରିବା ନିମନ୍ତେ ଚାଲି ଆସିଛୁ । ଆମେମାନେ ଏଠାକୁ ଯୁଦ୍ଧ କରିବା ନିମନ୍ତେ ଆସି ନାହୁଁ । ସେମାନେ (କୁରୈଶ୍‌ମାନେ) କହିଲେ, ପରିକ୍ରମା କରିବାର ପ୍ରଶ୍ନ ଉଠୁ ନାହିଁ। ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କର କଥା ଶୁଣି ପରିକ୍ରମା କରିବାକୁ ପ୍ରତ୍ୟାଖ୍ୟାନ କରିଦେଲେ । ଅବିଶ୍ୱାସକାରୀମାନେ କହିଲେ, ହେ ମୁସଲମାମମାନେ ତୁମର ଓ ଆମମାନଙ୍କର ଶତ୍ରୁତା ରହିଛି । ତୁମେମାନେ ଯଦି ମକ୍କା ଆସିଲ ଓ ପରିକ୍ରମା କରି ଚାଲିଗଲ । ତେବେ ସମଗ୍ର ଆରବ ଦେଶରେ ଆମମାନଙ୍କର ନାସା ଛେଦ ହୋଇଯିବ (ନାକ କଟିଯିବ) । ସମସ୍ତେ ଆମମମାନଙ୍କୁ ନିନ୍ଦା ଓ ଭର୍ତ୍ସନା କରି କହିବେ ଯେ, ହେ କୁରୈଶ୍ ! ତୁମମାନଙ୍କର ଶତ୍ରୁ ଆସି ତୁମ ଘରର ପରିକ୍ରମା କରି ଚାଲିଗଲା ଆଉ ତୁମେମାନେ ସେମାନଙ୍କର କିଛି ବି କରି ପାରିଲ ନାହିଁ ? କୁରୈଶ୍‌ମାନେ ମୁସଲମାନମାନଙ୍କୁ କହିଲେ, ହେ ମୁସଲମାନମାନେ ! ଆମେମାନେ ସମଗ୍ର ସଂସାରର ଲୋକମାନଙ୍କୁ ଅନୁମତି ପ୍ରଦାନ କରିଦେବୁ । କିନ୍ତୁ ଆମେମାନେ ତୁମମାନଙ୍କୁ କଦାପି ଅନୁମତି ପ୍ରଦାନ କରି ପାରିବୁ ନାହିଁ ।"

**(ସେରେ ରୁହାନୀ, ଭାଗ-7, ଅନୱାରୁଲ୍ ଉଲୁମ୍- ଭାଗ-24, ପୃ-247)**

ଯେପରିକି ଚର୍ଚ୍ଚା ହୋଇ ସାରିଛି ଯେ, ଖାଲିଦ୍ ବିନ୍ ୱଲିଦ୍ 200 ସୈନ୍ୟବାହିନୀଙ୍କ ସହିତ ଆଁହଜରତ ସ.ଅଙ୍କ ଯାତ୍ରୀସମୂହକୁ ରୋକିବା ନିମନ୍ତେ ଓ ଆଁହଜରତ ସ.ଅଙ୍କ ନିମନ୍ତେ ଆଗକୁ ଚାଲି ଆସିଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଏହାର ସୂଚାନା ପ୍ରାପ୍ତ ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ମାର୍ଗ ଠାରୁ ବିପରୀତ ମାର୍ଗ ଦେଇ ହୁଦୈବିୟାହ୍ ଠାରେ ପହଞ୍ଚିଗଲେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଆଁହଜରତ ସ.ଅ ଯେତେବେଳେ କିଛି ଦିନର ଯାତ୍ରା କରିବା ପରେ ଉସ୍‌ଫାନ୍ (ଏକ ସ୍ଥାନ) ନିକଟବର୍ତ୍ତୀ ପହଞ୍ଚିଲେ (ଉସ୍‌ଫାନ ମକ୍କା ଠାରୁ ଦୁଇ ମାଇଲ୍ ଦୂରତାରା ଅବସ୍ଥିତି ଏକ ସ୍ଥାନ ଅଟେ) ସେତେବେଳେ ଆପଣ ସ.ଅଙ୍କ ସନ୍ଦେଶବାହକ ଫେରି ଆସି ଆପଣ ସ.ଅଙ୍କ ସେବାରେ ଏହି ସୂଚନା ପ୍ରଦାନ କଲେ ଯେ, ମକ୍କାର କୁରୈଶ୍‌ମାନେ ଅତ୍ୟନ୍ତ ଉତ୍ସାହରେ ପରିପୂର୍ଣ୍ଣ ଅଟନ୍ତି ଏବଂ ସେମାନେ ଆପଣ ସ.ଅଙ୍କୁ ରୋକିବା ନିମନ୍ତେ ଦୃଢ ସଂକଳ୍ପ କରିଛନ୍ତି ଯେ, ସେମାନେ ଆପଣଙ୍କୁ ଅବଶ୍ୟ ଅଟକାଇ ଦେବେ । ତନ୍ମଧ୍ୟରୁ (କୁରୈଶ୍‌ମାନଙ୍କ ମଧ୍ୟରୁ) କେତେକ ବ୍ୟକ୍ତି ନିଜର ଉତ୍ସାହ ଏବଂ ଭୟାବହତା ପରିପ୍ରକାଶ କରିବା ନିମନ୍ତେ ଚିତାବାଘର ଚମଡ଼ା ପରିଧାନ କରିଛନ୍ତି ଏବଂ ଯୁଦ୍ଧ କରିବାର ଦୃଢ ସଂକଳ୍ପ କରି ଯେକୌଣସି ସ୍ଥିତିରେ ମୁସଲମାନମାନଙ୍କୁ ଅଟକାଇବା ନିମନ୍ତେ ଇଚ୍ଛୁକ ଅଟନ୍ତି । ଏହା ମଧ୍ୟ ଜ୍ଞାତ ହେଲା ଯେ, କୁରୈଶ୍‌ମାନେ ନିଜର କେତେକ ସାହସୀ ଅଶ୍ୱାରୋହୀମାନଙ୍କ ଏକ ସୈନ୍ୟ ଟୁକୁଡ଼ି ଖାଲିଦ୍ ବିନ୍ ୱଲିଦ୍‌ର ନେତୃତ୍ୱରେ ଆଗକୁ ପ୍ରେରଣ କରି ଦେଇଥିଲେ । ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସେତେବେଳେ ମୁସଲମାନ ହୋଇ ନଥିଲେ । ଉକ୍ତ ସୈନ୍ୟ ଟୁକୁଡ଼ି ସେତେବେଳେ ମୁସଲମାନମାନଙ୍କ ନିକଟବର୍ତ୍ତୀ ହୋଇଛି ଏବଂ ଉକ୍ତ ସୈନ୍ୟ ଟୁକୁଡ଼ିରେ ଇକ୍‌ରମା ବିନ୍ ଅବୁ ଜହଲ୍ ମଧ୍ୟ ସାମିଲ୍ ଅଟେ ଇତ୍ୟାଦି ଇତ୍ୟାଦି।

ଆଁହଜରତ ସ.ଅ ଯେତେବେଳେ ଉକ୍ତ ଖବର ଶୁଣିଲେ ସେତେବେଳେ ଆପଣ ସ.ଅ ସଂଘର୍ଷରୁ ବର୍ତ୍ତିବା ଉଦ୍ଦେଶ୍ୟରେ ସାହାବାମାନଙ୍କୁ ଆଦେଶ ଦେଲେ ଯେ, ସେମାନେ (ସାହାବାମାନେ) ମକ୍କାର ପରିଚିତ ମାର୍ଗ ଛାଡ଼ି ଦକ୍ଷିଣ ଦିଗ ଦେଇ ଆଗକୁ ଅଗ୍ରସର ହୁଅନ୍ତୁ । ସୁତରାଂ ମୁସଲମାନମାନେ ଦୁର୍ଗମ ଏବଂ କଠିନ ମାର୍ଗ ପାର ହେବା ପରେ ସମୁଦ୍ର ବାଟ ଦେଇ ଆଗକୁ ଅଗ୍ରସର ହେଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହିବ୍ ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-750)**

ରସୁଲୁଲ୍ଲାଃ ସ.ଅ କୁରୈଶମାନଙ୍କ ସହିତ ଯୁଦ୍ଧ କରିବାକୁ ନାପସନ୍ଦ କଲେ । କାରଣ ଆପଣ ସ.ଅ ଯୁଦ୍ଧ ନିମନ୍ତେ ନୁହଁ ବରଂ ଉମ୍ରାହ୍ କରିବା ନିମନ୍ତେ ଯାଇଥିଲେ। ସେ ଯାହା ହେଉ ଆପଣ ସ.ଅ ସେଠାରୁ ବାହାରି ଗଲେ ଏବଂ ନିଜ ସ୍ଥାନରେ ପହଞ୍ଚିଗଲେ । ଖାଲିଦ୍ ବିନ୍ ୱଲିଦ୍‌ଙ୍କୁ ମୁସଲମାନମାନଙ୍କର ମାର୍ଗ ପରିବର୍ତ୍ତନ କରି ଅତିକ୍ରମ ହେବାର ଅନୁଭବ ମଧ୍ୟ ହେଲା ନାହିଁ । ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ମୁସଲମାନମାନଙ୍କର ମାର୍ଗ ପରିବର୍ତ୍ତନର ସୂଚନା ମଧ୍ୟ ମିଳିନା ନାହିଁ ଯେ, ମୁସଲମାନମାନେ କେଉଁ ମାର୍ଗ ଦେଇ ଯାଉଛନ୍ତି ? ଏପର୍ଯ୍ୟନ୍ତ କି ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀର ଧୂଳିକୁ ଦେଖିଲେ ସେତେବେଳେ ସେ ଦଉଡ଼ିବାକୁ ଲାଗିଲା । କାରଣ ସେ କୁରୈଶ୍‌ମାନଙ୍କୁ ସତର୍କ କରାଇ ପାରିବେ । **(ସବ୍ଲୁଲ୍ ହୁଦା, ଭାଗ-5, ପୃ-38, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)(ସୁଲାହ୍ ହୁଦୈବିୟାହ୍, ଲେଖକ-ବାଶ୍‌ମିଲ୍, ପୃ-125, ନଫିସ୍ ଏକାଡ଼େମୀରୁ ଉଦ୍ଧୃତ)**

ରସୁଲ୍ କରୀମ୍ ସ.ଅଙ୍କ ହୁଦୈବିୟାହ୍ ଠାରେ ଅବତରଣ ସଂକ୍ରାନ୍ତରେ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ମିସ୍‌ୱର୍ ବିନ୍ ମଖରମା ଓ ମୁର୍‌ୱାନଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ରସୁଲ୍ କରୀମ୍ ସ.ଅ ହୁଦୈବିୟାହ୍ କାଳରେ ପ୍ରସ୍ଥାନ କରିଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅ ଯେତେବେଳେ ସେହି ଘାଟି ଠାରେ ପହଞ୍ଚିଲେ ଯେଉଁଠି ସେହି କୁରୈଶ୍‌ମାନଙ୍କ ଉପରେ ଅବତରଣ କରାଯାଇ ପାରିବ । ଆପଣ ସ.ଅଙ୍କୁ ଆପଣ ସ.ଅଙ୍କର ଓଟ ନିଜ ପିଠି ଉପରେ ବସାଇ ବସି ପଡ଼ିଲା । ଲୋକମାନେ ସେହି ଓଟକୁ ଉଠାଇବା ପାଇଁ ଡାକ ମାରିଲେ । କିନ୍ତୁ ସେହି ଓଟ ପୂର୍ବ ପରି ବସି ରହିଥିଲା । ଜମା ଉଠୁ ନଥିଲା । ଲୋକମାନେ କହିଲେ, କସ୍‌ୱା ଆଜି ଅଡ଼ି ଯାଇଛି। ଆଉ ଉଠୁ ନାହିଁ । ଅର୍ଥାତ୍ ଛିଡ଼ା ହେଉ ନାହିଁ । ନବୀ କରୀମ୍ ସ.ଅ କହିଲେ, କସ୍‌ୱା ଅଡ଼ି ବସିଯାଇ ନାହିଁ ଓ ନା ହିଁ କସ୍‌ୱାର ଏପରି ଅଭ୍ୟାସ ରହିଛି ସେ ବସି ରହିବ। ବରଂ ହସ୍ତକୁ ଅଟକାଇଲା ବାଲା ପବିତ୍ର ଅସ୍ତିତ୍ୱ ଅର୍ଥାତ୍ ଅଲ୍ଲାଃତାଲା କସ୍‌ୱା ଓଟକୁ ଅଟକାଇ ରଖିଛନ୍ତି । ଆପଣ ସ.ଅ ପୁନଶ୍ଚ କହିଲେ: "ମୁଁ ସେହି ସତ୍ତାଙ୍କ ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି । କୁରୈଶ୍‌ମାନେ ମୋତେ ଯେଉଁ କଥା କହିବେ ଏବଂ ଯେଉଁ ବର ମାଗିବେ ମୁଁ ସାମାନଙ୍କର କଥ ଏବଂ ସେହି ବର ମୁଁ ସେମାନଙ୍କୁ ଅବଶ୍ୟ ପ୍ରଦାନ କରିଦେବି । ଅର୍ଥାତ୍ କୁରୈଶ୍‌ମାନେ ଯଦି ଅଲ୍ଲାଃତାଲାଙ୍କର ସମ୍ମାନ ତଥା ପ୍ରତିଷ୍ଠା ଚାହାନ୍ତି ତେବେ ସେ ପିରପ୍ରେକ୍ଷୀରେ ମୁଁ (ଆଁହଜରତ ସ.ଅ) ସେମାନଙ୍କୁ ଅବଶ୍ୟ ତାହା ପ୍ରଦାନ କରିବି । ପୁନଶ୍ଚ ଆପଣ ସ.ଅ ଓଟକୁ ପାଟି କଲେ ଏବଂ କହିଲେ, ଉଠ୍ ଉଠ୍ ହେ ଓଟ ! ଉଠିଯା । ଅତଏବ୍ ଓଠ ଛିଡ଼ା ହୋଇ ପଡ଼ିଲା । ଆପଣ ସ.ଅ କହିଲେ, କୁରୈଶ୍‌ମାନେ ଯେଉଁ ଇଚ୍ଛା ପ୍ରକାଶ କରିବେ ତାହା ଅବଶ୍ୟ ପୂର୍ଣ୍ଣ କରାଯିବ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ମର୍ଯ୍ୟାଦା ଓ ସମ୍ମାନ ତଥା ପ୍ରତିଷ୍ଠା ବ୍ୟତୀତ ଅନ୍ୟ ସମସ୍ତ ସର୍ତ୍ତ ମୁଁ ଅବଶ୍ୟ ପୂରଣ କରିଦେବି । ସେ ଯାହା ହେଉ ଆପଣ ସ.ଅ ଯେତେବେଳେ ଓଟକୁ ଦ୍ୱିତୀୟ ଥର ଉଠି ଚାଲିବାକୁ କହିଲେ ସେତେବେଳେ ଓଟ ଛିଡ଼ା ହୋଇ ପଡ଼ିଲା । ଆପଣ ସ.ଅ ମକ୍କାବାସୀଙ୍କ ଠାରୁ ଦୂରେଇ ଗଲେ । ଏପର୍ଯ୍ୟନ୍ତକି ହୁଦୈବିୟା ଉପକୂଳରେ ଥିବା ସ୍ୱଳ୍ପ ଜଳ କୁଣ୍ଡ ନିକଟରେ ଶିବିର ସ୍ଥାପନ କଲେ ।" ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ।

**(ବୁଖାରୀ, କିତାବୁଶ୍ ଶୁରୁତ୍ ଫିଲ୍ ଜିହାଦି, ହଦିସ୍ ନଂ-2731-2732)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏଠାରେ ଆପଣ ସ.ଅଙ୍କ ଓଟ ଛିଡ଼ା ହୋଇ ପଡ଼ିଲା ଏବଂ ସେ ଆଗକୁ ଚାଲିବାକୁ ଅସ୍ୱୀକାର କରିଦେଲା। ସାହାବା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ଓଟ ଥକି ଯାଇଛି । ଆପଣ ସେହି ଓଟ ବଦଳରେ ଅନ୍ୟ ଓଟ ପିଠି ଉପରେ ବସି ଯାଆନ୍ତୁ । କିନ୍ତୁ ଆପଣ ସ.ଅ କହିଲେ, ନା ନା ଏହି ଓଟଟି କ୍ଲାନ୍ତ (ଥକି) ହୋଇ ନାହିଁ । ବରଂ ଈଶ୍ୱରଙ୍କ ଏହି ଉଦ୍ଦେଶ୍ୟ ପ୍ରତିତ ହେଉଛି ଯେ, ଆମେମାନେ ଏହି ଠାରେ ଅର୍ଥାତ୍ ଏହି ସ୍ଥାନରେ ହିଁ ଅଟକି ଯିବୁ ଓ ଏହିଠାରେ ହିଁ ଅବସ୍ଥାନ କରି ମକ୍କାବାସୀଙ୍କ ପନ୍ଥା ଏବଂ ସେମାନଙ୍କ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ପଦ୍ଧତି ଅନୁଯାୟୀ ଅନୁରୋଧ କରିବି କି ସେମାନେ ଆମମାନଙ୍କୁ ହଜ୍ କରିବା ନିମନ୍ତେ ଅନୁମତି ପ୍ରଦାନ କରିଦେବେ । ସେମାନେ ପଛେ ଯେକୌଣସି ସର୍ତ୍ତ ରଖନ୍ତୁ ପଛେ ମୁଁ କିନ୍ତୁ ସେମାନଙ୍କର ସର୍ତ୍ତକୁ ଅବଶ୍ୟ ସ୍ୱୀକାର କରିନେବି । ସେତେବେଳ ପର୍ଯ୍ୟନ୍ତ ମକ୍କାର ସୈନ୍ୟବାହିନୀ ମକ୍କା ଠାରୁ ଦୂରରେ ଛିଡ଼ା ହୋଇଥିଲା ଏବଂ ମୁସଲମାନମାନଙ୍କୁ ଅପେକ୍ଷା କରିଥିଲା ।

ହ. ମୁହମ୍ମଦ ସ.ଅ ଯଦି ଚାହିଁ ଥାଆନ୍ତେ ତେବେ ଆପଣ ସ.ଅ ବିନା କୌଣସି ଯୁଦ୍ଧରେ ମକ୍କାର ପ୍ରବେଶ କରିପାରି ଥାଆନ୍ତେ । କିନ୍ତୁ ଆପଣ ସ.ଅ ଏହି ନିଷ୍ପତ୍ତି ନେଇ ସାରିଥିଲେ ଯେ, ଆପଣ ସ.ଅ ପ୍ରୟାସ କରିବେ ଯେ, ମକ୍କାବାସୀଙ୍କ ଅନୁମତି କ୍ରମେ ଆପଣ ସ.ଅ ଖାନା କାଆବାର ପରିକ୍ରମା କରିବେ । ଆପଣ ସ.ଅ ସେହି ସ୍ଥଳେ ଯୁଦ୍ଧ କରିବେ ଯେବେ ମକ୍କାବାସୀ ଅର୍ଥାତ୍ କୁରେଶ ତଥା ଅବିଶ୍ୱାସକାରୀମାନେ ଆପଣ ସ.ଅଙ୍କ ସହିତ ଯୁଦ୍ଧ ଲଢ଼ିବା ପାଇଁ ଓ ଆପଣ ସ.ଅଙ୍କୁ ଯୁଦ୍ଧ କରିବା ନିମନ୍ତେ ବାଧ କରିବେ । ସେହି ସ୍ଥଳେ ଆପଣ ସ.ଅ ମକ୍କାବାସୀଙ୍କ ସହିତ ଯୁଦ୍ଧ କରିବେ । ଅତଏବ୍ ମକ୍କାର ମାର୍ଗ ଉନ୍ମୁକ୍ତ ହେବା ସତ୍ତ୍ୱେ ଆପଣ ସ.ଅ ହୁଦୈବିୟାହ୍ ଠାରେ ଶିବିର ସ୍ଥାପନ କରିଦେଲେ । " **(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-306-307)**

ବୁଖାରୀର ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି । ଅର୍ଥାତ୍ ହୁଦୈବିୟାହ୍ ଠାରେ ମୁସଲମାନମାନେ ଯେଉଁ ସ୍ୱଳ୍ପ ମାତ୍ରାରେ ଥିବା ଜଳ କୁଣ୍ଡ ପାଖରେ ଶିବିର ପକାଇଥିଲେ । ସେହି ଜଳ କୁଣ୍ଡରୁ ଲୋକମାନେ କିଛି କିଛି ଜଳ ସଂଗ୍ରହ କରିବାକୁ ଲାଗିଗଲେ । ବର୍ତ୍ତମାନ ଲୋକମାନ କାଳ ବିଳମ୍ବ କରି ନଥିଲେ କି ସେମାନେ ଜଳ କୁଣ୍ଡରେ ଥିବା ସଂପୂର୍ଣ୍ଣ ଜଳକୁ କାଢ଼ି କୁଣ୍ଡକୁ ଖାଲି କରିଦେଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ତୃଷ୍ଣା (ଶୋଷ) ସଂପର୍କରେ ଅଭିଯୋଗ କଲେ ।

**(ବୁଖାରୀ, କିତାବୁଶ୍ ଶୁରୁତ୍ ଫିଲ୍ ଜିହାଦି, ହଦିସ୍ ନଂ-2732-2733)**

ହ. ନାଜିୟାହ୍ ବିନ୍ ଆଜମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହୁଦୈବିୟା ଯୁଦ୍ଧ ଅବସରରେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ବିଷମ ଜଳାଭାବ ସଂପର୍କରେ ଅଭିଯୋଗ କରାଗଲା ସେତେବେଳେ ଆପଣ ସ.ଅ ମୋତେ ଡକାଇଲେ ଏବଂ ନିଜ ତୀରର ଖୋଳ ମଧ୍ୟରୁ ଗୋଟିଏ ତୀର ବାହାର କଲେ ଏବଂ ମୋତେ ଦେଲେ । ପୁନଶ୍ଚ ଝରଣାର ଗୋଟିଏ ଡୋଲ୍ (ବାଲଟି ବା ପାତ୍ର) ବରାଦ୍ କଲେ । ମୁଁ ସେହି ପାତ୍ରକୁ ନେଇ ଆସିଲି । ଆପଣ ସ.ଅ ୱଜୁ କଲେ ଏବଂ କୁଳି କରି ବାଲଟି ମଧ୍ୟରେ ପକାଇ ଦେଲେ । ପୁନଶ୍ଚ ଆପଣ ସ.ଅ ମୋତେ କହିଲେ, ହେ ନାଜିୟାହ୍ ! ତୁମେ ଉକ୍ତ ଜଳ ପାତ୍ରଟିକୁ କୂପ ମଧ୍ୟରେ ଓଲଟାଇ ଦିଅ । ଏତଦ୍‌ପରେ ଆପଣ ସ.ଅ ମୋତେ କହିଲେ, ଉକ୍ତ ପାତ୍ରଟିକୁ ଝରଣା ଜଳରେ ଢାଳି ଦିଅ । ଯାହାର ଜଳ ଶୁଷ୍କ ହୋଇଯାଇଛି ତା' ପାଣିରେ ତୀର ପୋତି ଦିଅ । ତେଣୁ ମୁଁ ଏହିପରି ହିଁ କଲି । ସୁତରାଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି । ମୁଁ ଅତି କଷ୍ଟେ ମଷ୍ଟେ ବାହାରକୁ ବାହାରିଲି । ମୋତେ ଜଳ ପ୍ରତ୍ୟେକ ପାର୍ଶ୍ୱରୁ ଘେରି ନେଲା । ଜଳ ଢାଳି, ତୀର ପୋତି ମୁଁ ସେଠାରେ ଛିଡ଼ା ହୋଇଥିଲି କି ସହସା କୂପର ଜଳ ସ୍ତର ବୃଦ୍ଧି ପାଇବାକୁ ଲାଗିଲା । କୂପର ଜଳ ଏପରି ବୃଦ୍ଧି ପାଉଥିଲା ଯେପରି ଦେଗିଚିରେ (ହାଣ୍ଡିରେ) ଜଳ ଫୁଟିଥାଏ । ଏପର୍ଯ୍ୟନ୍ତକି ଜଳ ବୃଦ୍ଧି ପାଇଲା ଏବଂ କଡ଼ ପର୍ଯ୍ୟନ୍ତ ପହଞ୍ଚିଗଲା । ଲୋକମାନେ ଉକ୍ତ କୂପରୁ ନିଜ ପାତ୍ରରେ ଜଳ ଭର୍ତ୍ତି କରି ଚାଲିଥିଲେ। ଏପର୍ଯ୍ୟନ୍ତକି ସେହି ଲୋକମାନଙ୍କ ମଧ୍ୟରୁ ଶେଷ ବ୍ୟକ୍ତି ମଧ୍ୟ ନିଜ ତୃଷ୍ଣା (ଶୋଷ) ମେଣ୍ଟାଇ ନେଲା ।

**(ସବ୍‌ଲୁଲ୍ ହୁଦା, ଭାଗ-5, ପୃ-37, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଇତ୍ୟବସରରେ ଏକ ବର୍ଷାର ଚର୍ଚ୍ଚା କରି ଏହା କହିଲେ, ଉକ୍ତ ଘଟଣାଟି ମଧ୍ୟ ଇତିହାସର ପୁସ୍ତକ ମଧ୍ୟରୁ ଅନ୍ୟତମ ଘଟଣା ଅଟେ । ଅର୍ଥାତ୍ " ସେହି ରାତ୍ରରେ କୂପ ନିକଟରେ ବୃଷ୍ଟିପାତ ହୋଇଥିଲା। ସୁତରାଂ ଯେତେବେଳେ ସକାଳ ନମାଜ ନିମନ୍ତେ ଆଁହଜରତ ସ.ଅ ଆସିଲେ ସେତେବେଳେ ପଡ଼ିଆରେ ଜଳ ବ୍ୟାପୀ ଯାଇଥିବାର ଲକ୍ଷ୍ୟ କଲେ । ଆଁହଜରତ ସ.ଅ ସାହାବାମାନଙ୍କୁ ଦେଖି ସ୍ମିତହାସ୍ୟ ପ୍ରକାଶ କରି କହିଲେ, ହେ ସାହାବାମାନେ! କ'ଣ ତୁମେମାନେ ଜାଣି ନାହଁ ଯେ, ଉକ୍ତ ବର୍ଷା ଅବସରରେ ପ୍ରଭୁ ତୁମମାନଙ୍କୁ କେଉଁ ଉପଦେଶ ଦେଇଛନ୍ତି ? ସାହାବାମାନେ ଅଭ୍ୟାସଗତ ଭାବରେ କହିଲେ, ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହ ଉକ୍ତ ଘଟଣା ସଂକ୍ରାନ୍ତରେ ଭଲ ଭାବରେ ଜାଣିଛନ୍ତି । ଅର୍ଥାତ୍ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କୁ ହିଁ ଜଣା ।"

ଆପଣ ସ.ଅ କହିଲେ, "ଈଶ୍ୱର କୁହନ୍ତି ଯେ, ମୋର ଭକ୍ତମାନଙ୍କ ମଧ୍ୟରୁ କେତେକ ଭକ୍ତମାନେ ସକାଳ ବିଶ୍ୱାସ ଅବସ୍ଥାରେ ଅତିବାହିତ କରିଛନ୍ତି । କିନ୍ତୁ କେତେକ ବ୍ୟକ୍ତି ଅବିଶ୍ୱାସ ଅବସ୍ଥାରେ ବିଚଳିତ ହୋଇ ଯାଇଛନ୍ତି । କାରଣ ଯେଉଁ ଭକ୍ତ ଏକଥା କହିଲା କି ଆମମାନଙ୍କ ଉପରେ ପ୍ରଭୁ ନିଜର କୃପା ବୃଷ୍ଟି କରିଛନ୍ତି ତେବେ ସେହି ଭକ୍ତ ଏବଂ ବ୍ୟକ୍ତି ବିଶ୍ୱାସ ଅବସ୍ଥାରେ ଅବିଚଳ ରହିଲା । କିନ୍ତୁ ଯେଉଁ ବ୍ୟକ୍ତି ଉକ୍ତ କଥା କହିଲା କି ଉକ୍ତ ବୃଷ୍ଟି ଅମକ ତାରକାର ପ୍ରଭାବରେ ହୋଇଛି ତେବେ ସେହି ବ୍ୟକ୍ତି ସୂର୍ଯ୍ୟ ଏବଂ ଚନ୍ଦ୍ରର ବିଶ୍ୱାସକାରୀ ବ୍ୟକ୍ତି (ଉପାସକ) ତ' ହୋଇଗଲା । କିନ୍ତୁ ସେହି ବ୍ୟକ୍ତି ଈଶ୍ୱରଙ୍କୁ ଅସ୍ୱୀକାର କରିଦେଲା ।"

ଉକ୍ତ ଆଦେଶ ଦ୍ୱାରା ଏକେଶ୍ୱରବାଦର ନିଧି ଦ୍ୱାରା ପରିପୂର୍ଣ୍ଣ ମହାବତାର ହ. ମୁହମ୍ମଦ ସ.ଅ ସାହାବାମାନଙ୍କୁ ଏହି ଶିକ୍ଷା ପ୍ରଦାନ କଲେ ଯେ, ନିଃସନ୍ଦେହ ରୂପେ ସଂପ୍ରଦାୟ, ସାଧନ ଓ କାରଣ ଅଧୀନ ଈଶ୍ୱର ଉକ୍ତ ଜଗତକୁ ଚଳାଇବା ନିମନ୍ତେ ବିଭିନ୍ନ ପ୍ରକାରର ସାଧାନ ସୃଷ୍ଟି କରିଛନ୍ତି । ତଣୁ ବର୍ଷା ଏବଂ ପାଣିପାଗ ଇତ୍ୟାଦି ପ୍ରସଙ୍ଗରେ ଆକାଶୀୟ ଗ୍ରହ ନକ୍ଷେତ୍ରର ପ୍ରଭାବକୁ ଅସ୍ୱୀକାର କରାଯାଇ ନପାରେ । କିନ୍ତୁ ପ୍ରକୃତ ଏକେଶ୍ୱରବାଦ କହିଲେ ଏହା ବୁଝାଏ ଯେ, ମଧ୍ୟବର୍ତ୍ତୀ ସାଧନ ସତ୍ତ୍ୱେ ମନୁଷ୍ୟର ଦୃଷ୍ଟି ସେହି ମହା ପରମେଶ୍ୱରଙ୍କ ଅସ୍ତିତ୍ୱ ଠାରୁ ଅବଚେତନ ନରହୁ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଠାରୁ କେବେ ବି ଅବଚେତନ ନରହୁ ଓ ପ୍ରଭୁଙ୍କୁ କେବେ ବି ବିସ୍ମୃତ ନକରୁ (ପାସୋରି ନବସୁ) । ଅଲ୍ଲାଃତାଲା ସାଧନ ପ୍ରଦାନ କିରଛନ୍ତି । କିନ୍ତୁ ଏହି ସାଧନଗୁଡ଼ିକ ପ୍ରଭୁଙ୍କ ଆଜ୍ଞା ଦ୍ୱାରା ହିଁ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ସେହି ସର୍ବଶକ୍ତିମାନ ପ୍ରଭୁ ହିଁ ଏହି ସମସ୍ତ ସାଧନର ସୃଷ୍ଟିକର୍ତ୍ତା ଏବଂ ଜଗତର ପାଳନ କର୍ତ୍ତା ଓ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତା ଓ କାରକ ଅଟନ୍ତି । ସେହି ଈଶ୍ୱରଙ୍କ ବ୍ୟତୀତ ଏହି ସାଧନଗୁଡ଼ିକ ମୃତ, କୀଟ ଠାରୁ ଅଧିକ ସ୍ଥିତାବସ୍ଥାର ଅଧିକାରୀ ନୁହନ୍ତି । **(ସିରତ୍ ଖାତମୂନ୍ ନବୀୟିନ୍, ଲେଖକ- ହ. ସାହିବ୍ ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-751-752)**

ରସୁଲୁଲ୍ଲାଃ ସ.ଅଙ୍କ ନିମନ୍ତେ ଅମ୍ର ବିନ୍ ସାଲିମ୍ ଏବଂ ବୁସର ବିନ୍ ସୁଫିୟାନ୍‌ଙ୍କ ଉପହାରର ଚର୍ଚ୍ଚା ମଧ୍ୟ ବର୍ଣ୍ଣନାମାନଙ୍କରେ ମିଳେ । ଏଥି ସଂକ୍ରାନ୍ତରେ ବର୍ଣ୍ଣନାରେ ଉଲ୍ଲେଖ ହୋଇଛି ଯେ, ଅମ୍ର ବିନ୍ ସାଲିମ୍ ଏବଂ ବୁସର ବିନ୍ ସୁଫିୟାନ୍ ଯେକି ଯୁଜଆ ସଂପ୍ରଦାୟ ସହିତ ସଂପର୍କ ରଖୁଥିଲେ । ସେ ହୁଦୈବିୟାହ୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ.ଅଙ୍କୁ ଛେଳୀ, ଓଟ ଇତ୍ୟାଦି ଜୀବ ଉପାହର ପ୍ରଦାନ କଲେ । ଅମ୍ର ବିନ୍ ସାଲିମ୍ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କୁ ମଧ୍ୟ ଓଟ ଉପହାର ଦେଲେ । ହ. ସାଆଦ୍ ର.ଅ ଅମ୍ର ର.ଅଙ୍କ ବନ୍ଧୁ ଥିଲେ । ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଉକ୍ତ ଉପହାରକୁ ନେଇ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ଅମ୍ର ଆମମାନଙ୍କୁ ମଧ୍ୟ ଉପହାର ଦେଇଛନ୍ତି। ଆଁହଜରତ ସ.ଅ ଦୁଆ କଲେ ଯେ, ଅଲ୍ଲାଃତାଲା ଅମ୍ର ର.ଅଙ୍କ ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । ପୁନଶ୍ଚ ଆଦେଶ ଦେଲେ ଯେ, ଓଟମାନଙ୍କୁ ଜେବହ୍ କରି ସେହି ସାହାବାମାନଙ୍କ ମଧ୍ୟରେ ବାଣ୍ଟିଦିଅ । ଛେଳୀମାନଙ୍କୁ ସେମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା, ସେମାନଙ୍କୁ ସେମିତି ଦେଇ ଦିଆଗଲା । ଏହି ବଣ୍ଟନ ପ୍ରକ୍ରିୟାରେ ଆପଣ ସ.ଅ ନିଜକୁ ମଧ୍ୟ ସାମିଲ୍ କରିଥିଲେ । ଅତଏବ୍ ଯେପରି ଅନ୍ୟ ସାହାବାମାନଙ୍କ ନିକଟକୁ ଓ ଲୋକମାନଙ୍କ ନିକଟକୁ ଓଟର ମାଂସ ପ୍ରେରଣ କରାଗଲା । ଠିକ୍ ସେହିପରି ହ. ଉମ୍ମେ ସଲ୍‌ମା ର.ଅଙ୍କ ନିକଟକୁ ଓଟର ମାଂସ ପ୍ରେରଣ କରାଯାଇଥିଲା । ରୁସୁଲ୍ କରୀମ୍ ସ.ଅ ନିଜର ଛେଳୀ ମଧ୍ୟରୁ କିଛି ମାଂସ ହ. ଉମ୍ମେ ସଲ୍‌ମା ର.ଅଙ୍କୁ ପ୍ରଦାନ କଲେ ଏବଂ ଯେଉଁ ବ୍ୟକ୍ତି ଉପହାର ନେଇ ଆସିଥିଲା ସେହି ବ୍ୟକ୍ତିକୁ ଆପଣ ସ.ଅ ଉପହାର ସ୍ୱରୂପ୍ ବସ୍ତ୍ର ପ୍ରଦାନ କରିବା ନିମନ୍ତେ ଆଦେଶ ଦେଲେ ।

**(ସବ୍‌ଲୁଲ୍ ହୁଦା, ଭାଗ-5, ପୃ-42, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଏହି ସମସ୍ତ ଉପହାର ଯାହାକି ଆପଣ ସ.ଅଙ୍କୁ ପ୍ରାପ୍ତ ହୋଇଥିଲା ସେହି ସମସ୍ତ ଉପହାରଗୁଡ଼ିକୁ ଆପଣ ସ.ଅ ଗୋଟିଏ ସ୍ଥାନରେ ଏକତ୍ରିତ କରି ସମସ୍ତ ସାହାବାମାନଙ୍କ ମଧ୍ୟରେ ବାଣ୍ଟିଦେଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ସୁଲାହ୍ ହୁଦୈବିୟାହ୍ ସଂପର୍କିତ ଉକ୍ତ ଘଟଣାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ ପରବର୍ତ୍ତୀ ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି । ଇନ୍‌ଶାଅଲ୍ଲାଃ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିବି ଓ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯାନାଜାଃ ପାଠ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

କରାଇବି । ସେହି ମୃତକମାନଙ୍କ ମଧ୍ୟରୁ ଯେଉଁ ପ୍ରଥମ ମୃତକଙ୍କର ଚର୍ଚ୍ଚା କରିବି ସେ ହେଉଛନ୍ତି ସ୍ୱର୍ଗତ ସେହେର ୟାର୍ ରକିନ୍ ସାହେବ । ସ୍ୱର୍ଗତ ସେହେର ୟାର୍ ସାହେବ ବାଂଲାଦେଶର ଶ୍ରୀମାନ୍ ମୁହମ୍ମଦ୍ ଅବ୍ଦୁଲ୍ ୱାହାବ୍ ସାହେବଙ୍କର ସୁପୁତ୍ର ଥିଲେ ।

ସ୍ୱର୍ଗତ ସେହେର୍ ୟାର୍ ରକିନ୍ ସାହେବଙ୍କ ସହିତ ଘଟିଥିବା ଘଟଣା ସଂପର୍କରେ ବୃତ୍ତାନ୍ତର ଉଲ୍ଲେଖ ମଧ୍ୟ ରହିଛି ଯେ, ଅଗଷ୍ଟ ମାସ 5 ତାରିଖ ଦିନ ସରକାରର କ୍ଷମତାଚ୍ୟୁତ ହେବା ପରେ ବାଂଲାଦେଶରେ ବିଗତ ଦିନମାନଙ୍କରେ ସର୍ବାଧିକ ଉପଦ୍ରବ ଏବଂ ହିଂସା ଦେଖିବାକୁ ମିଳିଛି । ଯେତେବେଳେ ସରକାର କ୍ଷମତାଚ୍ୟୁତ ହୋଇଗଲା ସେତେବେଳେ ଦେଶରେ ଅରାଜକତା ବ୍ୟାପୀଗଲା ଏବଂ ଅହେମଦିୟା ବିରୋଧୀମାନେ ମଧ୍ୟ ଏହାର ସୁଯୋଗ ନେଇ ଅହେମଦ ନଗର ଅଞ୍ଚଳରେ ବାସ କରୁଥିବା ଅହେମଦିମାନଙ୍କ ଉପରେ ଅପ୍ରତ୍ୟାଶିତ ଭାବରେ ଆକ୍ରମଣ କରିଦେଲେ । ଏଠାରେ ପୂର୍ବେ ମଧ୍ୟ ଆକ୍ରମଣ ହୋଇ ସାରିଛି । ବିରୋଧୀମାନେ ଅହେମଦିମାନଙ୍କ ଘରେ ଅଗ୍ନି ସଂଯୋଗ କରୁଥିଲେ ଅର୍ଥାତ୍ ନିଆଁ ଲଗାଇ ଦେଉଥିଲେ ଏବଂ ମସ୍‌ଜିଦ୍‌କୁ ମଧ୍ୟ ଜାଳି ଦେଇଥିଲେ । ଉପଦ୍ରବକାରୀମାନେ ଯାମିୟା ଅହେମଦିୟା ଓ ଜଲ୍‌ସା ଗାହ୍ ଅଭିମୁଖେ ଆସିଥିଲେ । ସେମାନେ ଯଦିଓ ଯାମିୟା ଅହେମଦିୟରେ ପ୍ରବେଶ କରିବାକୁ ସଫଳ ହୋଇ ପାରିଲେ ନାହିଁ । କିନ୍ତୁ ସେମାନେ ଜଲ୍‌ସା ଗାହ୍‌ର ପଛ ପଟୁ ଆସି ଜଲ୍‌ସାର ସୁରକ୍ଷା ଡିଉଟି ଦେଉଥିବା ଉପସ୍ଥିତ ଖୁଦ୍ଦାମ୍‌ଙ୍କୁ ଘେରି ପକାଇଲେ ଏବଂ ଖୁଦ୍ଦାମ୍‌ମାନଙ୍କ ଉପରେ ପ୍ରହାର କରୁଥିଲେ । ଠିକ୍ ସେହି ସମୟରେ ସ୍ୱର୍ଗତ ସେହେର ୟାର୍ ସାହେବଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏହି ଆଘାତ ଯୋଗୁଁ ସ୍ୱର୍ଗତ ସେହେର୍ ୟାର୍ ସାହେବ ଦୀର୍ଘ ତିନି ମାସ ପର୍ଯ୍ୟନ୍ତ ଚିକିତ୍ସାଧୀନ ରହିଥିଲେ । ଦୀର୍ଘ ଦିନ ଧରି ଚିକିତ୍ସାଧୀନ ରହିବା ପରେ ପରିଶେଷରେ ନଭମ୍ବର ମାସରେ 16 ବର୍ଷ ବୟସରେ ଅକାଳ ବିୟୋଗ ହୋଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ। ଏହିପରି ଭାବରେ ଉକ୍ତ କିଶୋର ଜଣ ଶାହାଦତ୍‌ର ମର୍ଯ୍ୟାଦା ପ୍ରାପ୍ତ କଲେ ।

ସ୍ୱର୍ଗତ ସେହେର ୟାର ୱକ୍‌ଫେ ନଅର ତେହିରକ୍‌ରେ (ଆହ୍ୱାନରେ) ସାମିଲ୍ ଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ଅଭିଭାବକ, ଦଦା ଦାଦି (ଜେଜେ ବାପା ଓ ଜେଜେମା)ଙ୍କ ବ୍ୟତୀତ ଦୁଇ ଭାଇ ଏବଂ ଗୋଟିଏ ଭଉଣୀ ଅନ୍ତର୍ଭୁକ୍ତ ଅଟନ୍ତି। ସ୍ୱର୍ଗତଙ୍କ ବଂଶରେ ଅହେମଦିୟତ୍ ତାଙ୍କ ଦଦାଙ୍କ ଦଦା ହ. ମୁନ୍‌ଶୀ ସିରାଜୁଲ୍ ଇସ୍‌ଲାମ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଅଲ୍ଲାମା ଜିଲ୍ଲୁର ରହ୍‌ମାନ ସାହେବଙ୍କ ମାଧ୍ୟମରେ ତାଙ୍କ ବଂଶର ଅଧିକାଂଶ ସଦସ୍ୟଙ୍କ ସମେତ ବୈଅତ୍ କରି ଜମାଅ ଅହେମଦିୟାରେ ସାମିଲ୍ ହୋଇ ଯାଇଥିଲେ । ସ୍ୱର୍ଗତ ସ୍ୱୟଂ ମଧ୍ୟ ଜମାଅତ୍ ଅହେମଦିୟାର ସେବକ ଥିଲେ । ସ୍ୱର୍ଗତ ସେହେର ୟାର୍ ସାହେବ ଅହେମଦ ନଗର ଅଞ୍ଚଳ ଅନ୍ତର୍ଗତ ଅତ୍‌ଫାଲୁଲ୍ ଅହେମଦିୟାରେ ମଜ୍‌ଲିସେ ଆମିଲାରେ ସେକ୍ରେଟାରୀ ମାଲ୍ ଭାବରେ ଦାୟିତ୍ୱ ନିର୍ବହ କରୁଥିଲେ ।

ସ୍ୱର୍ଗତ ସେହେରେ ୟାର୍ ରକିନ୍ ସାହେବଙ୍କ ମାତାଶ୍ରୀ ଉଲ୍ଲେଖ କରନ୍ତି ଯେ, ତାଙ୍କର ସୁଯୋଗ୍ୟ ପୁତ୍ର ପ୍ରାରମ୍ଭରୁ ହିଁ ନମାଜ ଏବଂ ଉପାସନା ପ୍ରତି ନିୟମାନୁବର୍ତ୍ତୀ ଏବଂ ଜମାଅତ୍ ଅହେମଦିୟାର କାର୍ଯ୍ୟରେ ସର୍ବାଧିକ ଭାବରେ ଅଭିରୁଚି ରଖୁଥିଲା। କେବଳ ସେତିକି ନୁହେଁ ବରଂ ମୋ ପୁତ୍ରକୁ ଯେତେବେଳେ ପାଠର ଦ୍ୱାହି ଦେଇ ଜମାଅତ୍‌ର କାର୍ଯ୍ୟ ତଥା କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ କୁହାଯାଉଥିଲା ସେତେବେଳେ ସେ ରୁଷ୍ଟ ହୋଇଯାଉଥିଲା ଓ ଅସନ୍ତୋଷ୍ ବ୍ୟକ୍ତ କରୁଥିଲା । ଅହେମଦ ନଗରରେ କୌଣସି ଇଜ୍‌ତିମା କିମ୍ବା କୌଣସି ଜଲ୍‌ସା ହେଉଥିଲା ସେତେବେଳେ ସେ ସର୍ବ ପ୍ରଥମେ ଘରୁ ବାହାରି ସେଠାରେ ପହଞ୍ଚି ଯାଉଥିଲା । ଘରର ସାନ ପୁଅ ହେବା ଯୋଗୁଁ ମାତାଶ୍ରୀ କୁହନ୍ତି ଯେ, ମୋ ସ୍ୱର୍ଗତ ସୁପୁତ୍ର ଘରର କାମ ଦାମରେ ମୋତେ ଖୁବ୍ ସାହାଯ୍ୟ କରୁଥିଲା । କିଚେନ୍ ଏବଂ ରନ୍ଧା ବଢା କାର୍ଯ୍ୟରେ ମୋତେ ବହୁତ ସାହାଯ୍ୟ କରୁଥିଲା । ମୋ ପୁତ୍ର ଜଣେ ସାମାଜିକ ପୁତ୍ର ଥିଲା । କୌଣସି ଅଜ୍ଞାତ ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବା ପରେ ତାଙ୍କ ସହିତ ମିଶି ଯାଉଥିଲା । ମାତାଶ୍ରୀଙ୍କ କହିବାନୁଯାୟୀ ତାଙ୍କର ଶହୀଦ୍ ସୁପୁତ୍ର ସେହେର ୟାର୍ ମଧ୍ୟ ନିଜର ବଡ଼ ଭାଇ ପରି ଯାମିୟା ଅହେମଦିୟାରେ ପ୍ରବେଶ ଗ୍ରହଣ (ଆଡ଼ମିଶନ) ନିମନ୍ତେ ପ୍ରସ୍ତୁତ ହେଉଥିଲା

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶହୀଦ୍ ସେହେର ୟାରଙ୍କ ମାତାଶ୍ରୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ବହୁ ପୂର୍ବରୁ ତାଙ୍କୁ ଏକ ସ୍ୱପ୍ନ ଆସୁଥିଲା । ସେହି ସ୍ୱପ୍ନରେ ମତାଶ୍ରୀ ଏହା ଦେଖୁଥିଲେ ଯେ, ସ୍ୱର୍ଗତ ସେହେର ୟାର୍ ସାହେବ ଶହୀଦ୍ ହୋଇ ଯାଇଛନ୍ତି । ଅର୍ଥାତ୍ ମାତାଶ୍ରୀଙ୍କୁ ସମୟ ପୂର୍ବରୁ ହିଁ ନିଜ ସୁପୁତ୍ରଙ୍କର ଶହାଦତ୍‌ର ସୂଚନା ମିଳି ଯାଇଥିଲା ।

ଅହେମଦ ନଗରର ଖୁଦ୍ଦାମୁଲ୍ ଅହେମଦିୟାର କାଏଦ୍ ନଜ୍‌ମୁସ୍ ସାକିବ୍ ସାହେବ କୁହନ୍ତି: "ଉକ୍ତ ଦୁଃଖଦାୟକ ଘଟଣା ଅର୍ଥାତ୍ ସେହେର ୟାର୍ ସାହେବଙ୍କ ଶାହାଦତ୍ ପୂର୍ବରୁ ବିଗତ ବର୍ଷ ଅର୍ଥାତ୍ 2023 ମସିହାର ଜଲ୍‌ସା ସାଲାନା ସମୟରେ ବିରୋଧୀମାନଙ୍କ ପକ୍ଷରୁ ହୋଇଥିବା ହିଂସାତ୍ମକ ଆକ୍ରମଣରେ ଇଞ୍ଜିନିୟର୍ ଜାହିଦ୍ ହସନ୍ ସାହେବ ଶହୀଦ୍ ହୋଇଥିଲେ । ମୁଁ ସ୍ୱର୍ଗତ ଶହୀଦ୍ ଜାହିଦ୍ ସାହେବଙ୍କର ଯନାଜାଃ ପାଠ କରିଥିଲି । ଖୁତ୍‌ବାରେ ମଧ୍ୟ ତାଙ୍କର ଚର୍ଚ୍ଚା କରିଥିଲି । ସୁତରାଂ ନଜ୍‌ମୁସ୍ ସାକିବ୍ ସାହେବ କୁହନ୍ତି ଯେ, ଆମେମାନେ ଡିୟୁଟି ସମୟରେ ଜଳଖିଆ କରି ଖୁତ୍‌ବା ଶୁଣୁଥିଲୁ । ତେବେ ସେହି ସମୟରେ ସେହେର ୟାର୍ ରକିନ୍ କହିଲା କି ଆଜି ଯଦି ମୁଁ ଇଞ୍ଜିନିୟର୍ ଜାହିଦ୍ ସାହେବଙ୍କ ସ୍ଥାନରେ ଶହୀଦ୍ ହୋଇଯାଇ ଥାଆନ୍ତି ତେବେ ଖୁତ୍‌ବାରେ ମୋର ମଧ୍ୟ ଏହି ଚର୍ଚ୍ଚା ହେଉ ଥାଆନ୍ତା ।"

ଇଞ୍ଜିନିୟର ଜାହିଦ୍ ସାହେବ ବିସ୍ତୃତ ବିବରଣୀ ପ୍ରଦାନ କରି ଉଲ୍ଲେଖ କରନ୍ତି ଯେ, ଅଗଷ୍ଟ ମାସ 5 ତାରିଖ ଦିନ ଆକ୍ରମଣକାରୀମାନେ ସହସା ଆକ୍ରମଣ କରିଥିଲେ । ଏଥର ହିଂସା ପରେ ଯେଉଁ ଆକ୍ରମଣ ହୋଇଛି ଏହି ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ବିପୁଳ ସଂଖ୍ୟାରେ ଲୋକମାନେ ଯାମିୟା ଅହେମଦିୟାର ସୁରକ୍ଷା ନିମନ୍ତେ ନିୟୋଜିତ ହୋଇଥିଲେ ଏବଂ ଲୋକମାନେ ଉପସ୍ଥିତ ଥିଲେ ଏବଂ ସଡ଼କର ଉଭୟ ପାର୍ଶ୍ୱରେ କେବଳ 15 ଜଣ ଖୁଦ୍ଦାମ୍ ଜଲ୍‌ସା ଗାହ୍‌ର ସୁରକ୍ଷା ନିମନ୍ତେ ଡିୟୁଟିରେ ଛିଡ଼ା ହୋଇ ରହିଥିଲେ । ସେହେର ୟାର୍ ସାହେବ ଏହି ଖୁଦ୍ଦାମମାନଙ୍କ ସହିତ ଆସି ସାମିଲ୍ ହେଲା । ସେ ଅତ୍ୟନ୍ତ ସାହସିକତାର ସହିତ ପ୍ରହରା ଦେଉଥିଲା ଏବଂ ସୁରକ୍ଷା ପଦକ୍ଷେପରେ କାଏଦ୍ ସାହେବଙ୍କର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା । ସେ ଖୁଦ୍ଦାମ୍‌ମାନଙ୍କୁ ସୁରକ୍ଷା କାର୍ଯ୍ୟରେ ସାହାଯ୍ୟ କରୁଥିଲା । ସହସା ଆକ୍ରମଣକାରୀମାନେ ଗେଟ୍ (ପ୍ରମୁଖ ଦ୍ୱାର) ଭାଙ୍ଗି ଭିତରକୁ ଧସେଇ ପଶିଲେ ଏବଂ ଆକ୍ରମଣ କରିଦେଲେ। ଆକ୍ରମଣକାରୀମାନେ ଠେଙ୍ଗା ବାଡ଼ି ଧରି ଅହେମଦି ଖୁଦ୍ଦାମମାନଙ୍କୁ ମାଡ଼ ମାରିଲେ । ଯଦ୍ଦ୍ୱାରା କି ଅନେକ ଖୁଦ୍ଦାମ୍‌ମାନେ ଆହାତ ହେଲେ । ସବୁଠୁ ବେଶୀ ଆଘାତ ସ୍ୱର୍ଗତ ସେହେର ୟାର୍‌କୁ ଲାଗିଥିଲା । ତାଙ୍କ ମୁଣ୍ଡରେ ସେତେବେଳେ ଗଭୀର ଆଘାତ ଲାଗିଥିଲା । ମୁଣ୍ଡରେ ଏତେ ଗଭୀର ଆଘାତ୍ ଲାଗିଥିଲା ଯେ, ଶରୀରର ନିମ୍ନ ଭାଗ ସଂପୂର୍ଣ୍ଣ ରୂପେ ନିଷ୍କ୍ରିୟ ଓ ଅଚଳ ହୋଇାଯାଇଥିଲା । ଏହାର ପରିପ୍ରକାଶ ସେ ସେହିଠାରେ ହିଁ କଲେ । ଏହାର କିଛି ସମୟ ପରେ ଆର୍ମି (ସେନା)ର ଗାଡ଼ି ସେଠାରେ ଆସି ପହଞ୍ଚିଗଲା ଏବଂ ଆର୍ମିର ସୈନିକମାନଙ୍କ ଆଗମନ ଫଳରେ ଆକ୍ରମଣକାରୀମାନେ ଆହତ ଅହେମଦିମାନଙ୍କୁ ଛାଡ଼ି ସେଠାରୁ ପଳାୟନ କଲେ ।

କାଏଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ସେହେର୍ ୟାର୍ ସାହେବ ଯେକୌଣସି ସମୟରେ ଡିୟୁଟି ଦେବା ନିମନ୍ତେ ପ୍ରସ୍ତୁତ ଓ ତତ୍ପର ରହିଥିଲେ । ମସ୍‌ଜିଦକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମଧ୍ୟ ସ୍ୱୟଂ ଭାଗ ନେଉଥିଲେ ସ୍ୱର୍ଗତ ସେହେର ୟାର୍ ଓ ଅନ୍ୟମାନଙ୍କୁ ସାମିଲ୍ ହେବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ତେହଜ୍ଜୁଦ୍ ଏବଂ ଫଜର ନମାଜ୍‌ରେ ଲୋକମାନଙ୍କୁ ନିଦର ଉଠାଇବା ନିମନ୍ତେ ଦାୟିତ୍ୱ ସମ୍ପାଦନ କରୁଥିଲେ । ଯାମିୟା ଅହେମଦିୟା ବାଂଲାଦେଶର ଛାତ୍ର ଜୁବୈର୍ ସାହେବ କୁହନ୍ତି: "ଯେତେବେଳେ ସ୍ୱର୍ଗତ ସେହେର୍ ୟାର୍ ସାହେବଙ୍କୁ କବର ତଥା ଅନ୍ତିମ ସଂସ୍କାର କରାଯାଉଥିଲା ସେତେବେଳେ ଜଲ୍‌ସା ଗାହ୍ ଠାରେ ମୋର ଡିୟୁଟି ଥିଲା । ତେଣୁ ମୁଁ ଅହେମଦ ନଗରର ଖୁଦ୍ଦାମ୍‌ମାନଙ୍କୁ ପଚାରିଲି ଯେ, ଅନେକ ଖୁଦ୍ଦାମମାନେ ସେହେର୍ ୟାରଙ୍କ ସହିତ ସମୟ ଅତିବାହିତ କରୁଥିଲେ ଏବଂ ଖେଳ କୁଦ କରିଛନ୍ତି। ତାଙ୍କର ଅର୍ଥାତ୍ ସେହେର ୟାରଙ୍କର ଏପରି କେଉଁ ବିଶିଷ୍ଟ ଗୁଣ ରହିଥିଲା ଯାହାକି ଅନ୍ୟମାନଙ୍କ ଠାରୁ ଅନନ୍ୟ ଥିଲା ।

ସେହି ଖୁଦ୍ଦାମ୍‌ମାନେ କହିଲେ, 2023 ମସିହାର ଜଲ୍‌ସା ସାଲାନା ଥିଲା, ଜଲ୍‌ସା ସାଲାନା ଅବସରରେ ଏକ ପ୍ରଦର୍ଶନୀ ଆୟୋଜିତ ହେଉଥିଲା ସେହି ପ୍ରଦର୍ଶୀରେ ଶହୀଦ୍ ଶେହଜାଦ ଜାହିଦ୍ ହସନ୍ ସାହେବଙ୍କ ସଂକ୍ରାନ୍ତରେ ଛବି ମଧ୍ୟ ଲାଗିଥିଲା । ଆମେମାନେ ସସମ୍ମେ ମିଶି ପ୍ରଦର୍ଶନୀ ଦେଖୁଥିଲୁ। ସେତେବେଳେ ହଠାତ୍ ସେହେର୍ ୟାର୍ ରକିନ୍ ସାହେବ କହିବାକୁ ଲାଗିଲେ ଯେ, ଏମିତି ହୁଅନ୍ତା କି ! ଜାହିଦ୍ ଭାଇଙ୍କ ପରି ମୁଁ ମଧ୍ୟ ଶହୀଦ୍ ହୋଇ ଯାଆନ୍ତି କି ? ମୋର ଫଟୋ ମଧ୍ୟ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇ ଥାଆନ୍ତା ଓ ଖୁତ୍‌ବାରେ ମଧ୍ୟ ମୋର ଚର୍ଚ୍ଚା ହୁଅନ୍ତା କି । ଖୁଦ୍ଦାମ୍‌ମାନେ କୁହନ୍ତି: "ଆମେମାନେ ଉକ୍ତ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ଥିଲୁ । ଅଲ୍ଲାଃତାଲା ସ୍ୱର୍ଗତ ଶହୀଦ୍ ସେହେର ୟାର୍‌ଙ୍କର ଏହି ଅଭିଳାଷା, କାମନା ଏବଂ ପ୍ରାର୍ଥନାକୁ ସ୍ୱୀକାର କରିନେଲେ ।" **(ଅବଶିଷ୍ଟାଂଶ..................ପୃ-10ରେ)**

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସ୍ୱର୍ଗତ ଶହୀଦ୍ ସେହେର ୟାର୍ ସାହେବଙ୍କର ଚଚି (ଖୁଡ଼ୀ) ଜିନତ୍ ଫୌଜିୟା ସାହେବେ କୁହନ୍ତି: "ସ୍ୱର୍ଗତ ସେହେର ୟାର୍ ସାହେବ ନିଜ ଭାଇମାନଙ୍କ ମଧ୍ୟରେ ସର୍ବ କନିଷ୍ଠ ଅର୍ଥାତ୍ ସବା ସାନ ଥିଲା । ସମସ୍ତ ଗୁରୁଜନମାନଙ୍କର କଥା ମାନୁଥିଲା ଏବଂ ଆଦେଶ ପାଳନ କରୁଥିଲା । ସମସ୍ତଙ୍କର କାମ କରିଦେଉଥିଲା । ଆକ୍ରମଣ ଦିନ ଯେତେବେଳେ ମୋ ପୁତୁରା ଘରୁ ଯାଉଥିଲା ସେତେବେଳେ ସେ କହୁଥିଲା ଯେ, ଚଚି (ଖୁଡ଼ି) ମୁଁ ମସ୍‌ଜିଦ୍‌ର ସୁରକ୍ଷା ନିମନ୍ତେ ଯାଉଛି । ତହିଁରେ ଯଦି ମୁଁ ସଫଳ ନହୋଇ ପାରିଲି ତେବେ ମୁଁ ଶହୀଦ୍ ହୋଇଯିବି । ସେ ଯାହା ହେଉ ଶହୀଦ୍ ସ୍ୱର୍ଗତ ସେହେର୍ ୟାର୍ ନିଜର ମୁରବିମାନଙ୍କ ନିମନ୍ତେ ବଳିଦାନର ଏକ ଉଦାହରଣ ସ୍ଥାପନ କରି ଦେଇଛି । ଅଲ୍ଲାଃତାଲା ବୈକୁଣ୍ଠରେ ସ୍ୱର୍ଗତ ସେହେର୍ ୟାର୍‌ଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ମାତାପିତାଙ୍କୁ ଓ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯେଉଁ ମୃତକଙ୍କର ଚର୍ଚ୍ଚା ହେବ ତାହା ଏକ ଅନୁପସ୍ଥିତ ଯନାଜାଃ ଅଟେ । ମୁଁ ସେହି ଅନୁପସ୍ଥିତ ଯନାଜାଃ ନମାଜ ପାଠ କରାଇବି। ସେହି ମୃତକ ହେଉଛନ୍ତି ଆରବ ଦେଶ ଅର୍ଥାତ୍ କବାବିର୍‌ର ଜଣେ ପୁରାତନ ବନ୍ଧୁ । କବାବିର୍‌ର ସ୍ୱର୍ଗତ ଅବ୍‌ଦୁଲ୍ଲାଃ ଅସ୍‌ଅଦ୍ ସାହେବ ବିଗତ ଦିନ 94 ବର୍ଷ ବୟସେର ମୃତ୍ୟୁ ବରଣ କରିଥିଲେ । إِنَّا لِلَّهِ وَإِنَّا إِلَيْهِ رَاجِعُونَ ।

ସ୍ୱର୍ଗତ ଏପରି ଏକ ଘରେ ଲାଳିତ ପାଳିତ ହୋଇଥିଲେ ଯେଉଁ ଘର କବାବିର୍‌ର ଅହେମଦି ମୁବଲ୍ଲିଗିନ୍‌ମାନଙ୍କ ସହିତ ସର୍ବାଧିକ ପ୍ରେମ ଓ ନିଷ୍ଠାର ସଂପର୍କ ରଖିଥିଲା। ସେହି ଅହେମଦିମାନଙ୍କର ନିଷ୍ଠାପୂର୍ଣ୍ଣ ଉଦ୍ୟମ, ଦୁଆ (ପ୍ରାର୍ଥନା) ଓ ଏହାଠୁ ବଳି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଦୁଆ ବଳରେ କବାବିର ଦେଶ ସର୍ବଦା ଅଲ୍ଲାଃତାଲାଙ୍କ ସୁରକ୍ଷା ଓ ଶାନ୍ତି ବଳୟ ମଧ୍ୟରେ ରହି ଆସିଛି । ବିଶେଷ କରି ପାଲେଷ୍ଟାଇନ୍ ଯୁଦ୍ଧ ଏବଂ 1948 ମସିହାରେ ବିପୁଳ ସଂଖ୍ୟାରେ ଲୋକମାନେ ଅନ୍ୟତ୍ର ସ୍ଥାନାନ୍ତର ସମୟରେ ଅଲ୍ଲାଃତାଲା କବାବିର୍ ଦେଶକୁ ସୁରକ୍ଷିତ ରଖିଥିଲେ । ସ୍ୱର୍ଗତ ଅବ୍‌ଦୁଲ୍ଲାଃ ସାହେବ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସମୟ ଠାରୁ ଆରମ୍ଭ କରି ଜୀବନର ଶେଷ ବୟସ ପର୍ଯ୍ୟନ୍ତ ଅହେମଦି ଖଲିଫାମାନଙ୍କ ସହିତ ପତ୍ରାଳାପ ଏବଂ ଆଜ୍ଞାବହତ୍ୱ, ଆଜ୍ଞାନୁବର୍ତ୍ତୀ ଓ ନିଷ୍ଠାର ଗଭୀର ସଂପର୍କ ରଖିଥିଲେ । ଆପଣ ପ୍ରାରମ୍ଭିକ ଓସିୟତ୍‌କାରୀଙ୍କ ମଧ୍ୟରୁ ଅନ୍ୟତମ ଓସିୟତ୍‌କାରୀ ଥିଲେ ।

1934 ମସିହାରେ ମୌଲାନା ଅବୁଲ୍ ଅତା ସାହେବ ଜାଲନ୍ଧରୀ ଅହେମଦିୟା ସ୍କୁଲ ଯେତେବେଳେ ଖୋଲିଲେ ସେତେବେଳେ ଉକ୍ତ ସ୍କୁଲ୍‌ରେ ସ୍ୱର୍ଗତ ଅବ୍‌ଦୁଲ୍ଲାଃ ସାହେବ ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କଲେ । ପୁନଶ୍ଚ 1948 ମସିହାରେ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ସେଠାରୁ ସେ ମ୍ୟାଟ୍ରିକରେ ଉତ୍ତୀର୍ଣ୍ଣ ହୋଇଥିଲେ। ପୁନଶ୍ଚ ଏତଦ୍‌ପରେ ଅଲ୍‌କୁଦ୍‌ସ୍ ବିଶ୍ୱବିଦ୍ୟାଳୟରୁ ଏମ୍.ଏ (ସ୍ନାତକୋତ୍ତର) ଡିଗ୍ରୀ ସଫଳତାର ସହିତ ପ୍ରାପ୍ତ କରିଥିଲେ। 20 ବର୍ଷ ପର୍ଯ୍ୟନ୍ତ ଶିଳ୍ପକଳା ଏବଂ ବାଣିଜ୍ୟ ବିଭାଗ୍ ଅନ୍ତର୍ଗତ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ। ଏତଦ୍‌ପରେ ଅଡ଼ିଟ୍‌ର ରାଷ୍ଟ୍ରୀୟ ବିଭାଗରେ ଏକ ବଡ଼ ପଦବୀରେ ତାଙ୍କୁ କାର୍ଯ୍ୟ କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା।

1995 ମସିହାରେ ସେଠାରେ ସେ ଅବସର ନେଇଥିଲେ । ଅବସର ନେବା ପରେ ଧାର୍ମିକ ପ୍ରସଙ୍ଗ ମନ୍ତ୍ରାଳୟରେ ତାଙ୍କର ନାମ ଇସ୍‌ଲାମୀୟ ପ୍ରସଙ୍ଗରେ ସଭାପତି ରୂପେ ଉପସ୍ଥାପିତ କରାଗଲା । କେତେକ ଇସ୍‌ଲାମୀୟ ଦେଶ ସ୍ୱର୍ଗତ ଅବ୍‌ଦୁଲ୍ଲାଃ ସାହେବଙ୍କ ଅହେମଦି ହେବା ଯୋଗୁଁ ବିରୋଧ କରିଥିଲେ । ଏହାର ଜବାବ୍‌ରେ ଆପଣ ନିଜର ନୈତିକତା ଏବଂ ଅହେମଦିୟତ୍ ଉପରେ ଅବିଚଳ ରହି ଉକ୍ତ ପଦବୀକୁ ଆପଣ ପରିତ୍ୟାଗ କରିଦେଇଥିଲେ ।

1945 ମସିହାରେ ହ. ଚୌଧୁରୀ ଜଫ୍ରୁଲ୍ଲାଃ ଖାନ ସାହେବ ଆନ୍ତର୍ଜାତିକ ପ୍ରତିନିଧି ରୂପେ ପାଲେଷ୍ଟାଇନ୍‌ର ଗସ୍ତ କରିଥିଲେ । ଇତି ମଧ୍ୟରେ ମିଶନ ହାଉସ୍‌କୁ ମଧ୍ୟ ଆପଣ ଆସିଥିଲେ । ସ୍ୱର୍ଗତ ଅବ୍‌ଦୁଲ୍ଲାଃ ସାହେବ ସ୍ୱର୍ଗତ ଅବୁ ସଲାହ୍ ମୁହମ୍ମଦ୍ ସାଲେହ୍ ଓହଦେ ସାହେବ ଯେକି ଶରୀଫ୍ ଓହଦେ ସାହେବଙ୍କ ଦଦା ଥିଲେ ତାଙ୍କ ଘରେ ଆପଣ ଅଧିବାସ ତଥା ଅବସ୍ଥାନ କଲେ । ସେତେବେଳେ ସ୍ୱର୍ଗତ ଅବ୍‌ଦୁଲ୍ଲାଃ ଅସ୍‌ଅଦ୍ ସାହେବ ମାତ୍ର 15 ବର୍ଷ ବୟସର କିଶୋର ଥିଲେ । ଆପଣ ପ୍ରତିଦିନ ଚୌଧୁରୀ ସାହେବଙ୍କ ସେବା କରିବା ନିମନ୍ତେ ଆସୁଥିଲେ ଏବଂ ତାଙ୍କୁ ଖବର କାଗଜ ଇତ୍ୟାଦି ଉପଲବ୍ଧ କରାଉଥିଲେ ।

ସ୍ୱର୍ଗତ ଅବ୍‌ଦୁଲ୍ଲାଃ ଅସ୍‌ଅଦ୍ ସାହେବ ସର୍ବଦା ମୁବଲ୍ଲିଗିନ୍‌ମାନଙ୍କ ଅତି ନିକଟବର୍ତ୍ତୀ ହୋଇ ରହିଥିଲେ । ଅର୍ଥାତ୍ ମୁବଲ୍ଲିଗିନ୍‌ମାନଙ୍କ ପ୍ରିୟ ହୋଇ ରହିଥିଲେ ଏବଂ ଜେନେରାଲ୍ ସେକ୍ରେଟାରୀ, ସେକ୍ରେଟାରୀ ତାଲିମ୍ ଓ ତର୍ବିୟତ୍, ସେକ୍ରେଟାରୀ ଉମୁରେ ଖାର୍ଜା, ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ସେକ୍ରେଟାରୀ ସଦ୍‌ସାଲା ଜୁବଲୀ (ଏକଶତ ବର୍ଷ ପୂର୍ତ୍ତି ଅବସରରେ ପାଳିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ)ର ପଦରେ ଅଧିଷ୍ଠିତ ରହି ଜମାଅତ୍‌ର ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ ।

କବାବିର୍‌ରେ ମାଦ୍ରାସା ଅହେମଦିୟାର ନୂତନ ନିର୍ମାଣର ମହାନ ଯୋଜନାରେ ମୁବଲ୍ଲିଗ୍ ସିଲ୍‌ସିଲା ଶ୍ରୀଯୁକ୍ତ ଜଲାଲୁଦ୍ଦୀନ୍ କମର ସାହେବ ସ୍ୱର୍ଗତ ଅବ୍‌ଦୁଲ୍ଲାଃ ଅସଅଦ୍ ସାହେବଙ୍କ ସହାୟକ ହୋଇଥିଲେ । ସ୍ୱର୍ଗତ ଅବ୍‌ଦୁଲ୍ଲାଃ ସାହେବ ଅତ୍ୟନ୍ତ ଉଚ୍ଚ କୋଟିର ଲେଖକଟିଏ ଥିଲେ । ଆରବୀ ପତ୍ରିକା 'ବୁଶ୍ରା'ରେ ଆପଣ 70 ବର୍ଷ ପର୍ଯ୍ୟନ୍ତ ଦଶାଧିକ ଏବଂ ବିଂଶାଧିକ ବିଷୟ ବସ୍ତୁ ରଚନା କରିଥିଲେ । ଆପଣ ସୁରାଃ କହଫ୍‌ର ବ୍ୟାଖ୍ୟା ଇଂରାଜୀରୁ ଆରବୀ ଭାଷାକୁ ଅନୁବାଦ ମଧ୍ୟ କରିଥିଲେ । ଉକ୍ତ

## QUALIFICATION FOR NURSE/ OTA MALE NURSE

1.Candidate must have completed at least OTA/B. Sc. Nursing/GNM course after 10+2 (With subjects Physics, Chemistry and Biology).

2.He/She must have registered with Punjab Nurses Registration Council. (In case of non-registration, attach affidavit of transfer registration within six months).

3. He/She must have ability to read medical instructions.

4. Minimum 02 years' experience in a reputed hospital is needed.

5. The age of the candidate should not be more than 30 years. An exception may be considered according to the circumstances.

6. Grade: 9792-223-11576-271-14828-318-17372.

7. Candidate must be healthy, good in religious and moral condition, polite. He/ She must have a caring attitude towards patients and co-workers.

## QUALIFICATION FOR PHARMACIST

1. Candidates must have completed at least B. Pharmacy/ D. Pharmacy from a registered government institution after 10+2 (With subjects Physics, Chemistry and Biology).

2. He/She must have registered with Pharmacy Council of Punjab. (In case of non-registration, attach affidavit of transfer registration within six months).

3. He/She must have ability to read medical instructions.

4. Minimum 02 years' experience in a reputed hospital is needed.

5. The age of the candidate should not be more than 30 years. An exception may be considered according to the circumstances.

6. Grade: 11063-302-13479-443-18795-506-22843.

7. Candidate must be healthy, good in religious and moral condition, polite. He/She must have a caring attitude towards patients and co-workers.

## ESSENTIAL INSTRUCTIONS:

1.Applications received within 2 months after the last announcement published in The Weekly Badr will be considered.

2. Interested candidates should send their applications on the printed form with the attested signature and seal of their Zilla Amir/ Local Amir/ Sadr Jama'at/ Mubaligh In-Charge.

3. In case of success in the interview, the candidate will have to undergo a medical examination from Noor Hospital Qadian and only those candidates will be eligible for service that are fit and healthy as per the report of Noor Hospital Medical Board.

4. In case of selection, the candidate will have to arrange his own accommodation in Qadian.

5.All travel and medical expenses will be borne by the candidate.

6. At the time of interview it is necessary for candidates to bring their original educational certificates with them.

Note: The date of interview will be intimated to the candidates later.

☆--☆--☆

## ପୃ-୨ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

ଅନୁବାଦ କାର୍ଯ୍ୟ ଶ୍ରୀଯୁକ୍ତ ଫଜ୍‌ଲେ ଇଲାହୀ ବଶୀର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ କାଳରେ ସମ୍ପାଦିତ ଓ ପ୍ରକାଶିତ ହୋଇଥିଲା ।

ଆରବ ଦେଶରେ ଜମାଅତ୍ ବିରୁଦ୍ଧରେ ନାନା ଷଡ଼ଯନ୍ତ୍ର ରଚା ଯାଉଥିଲା ଯେ, ଜମାଅତ୍ ଅହେମଦିୟା ଏବଂ ବାହାଇ ଧର୍ମ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟନ୍ତି। ଆରବୀୟମାନେ ଜମାଅତ୍ ଅହେମଦିୟାକୁ ବାହାଇମାନଙ୍କ ସହିତ ତୁଳନା କରିଦେଲେ । ଅବ୍‌ଦୁଲ୍ଲାଃ ଅସ୍‌ଅଦ୍ ସାହେବ ଏହାର ଦାନ୍ତ ଭାଙ୍ଗିଦେଲା ଭଳି ଉତ୍ତର ପ୍ରଦାନ କରିଥିଲେ । ଅର୍ଥାତ୍ କଡ଼ା ଆଭିମୁଖ୍ୟ ରଖି ଓ କଡ଼ା ଉତ୍ତର ପ୍ରଦାନ କରିଥିଲେ। ଆପଣ ବିରୋଧୀମାନଙ୍କର ଉତ୍ତର ପ୍ରଦାନ କରି ଆରବୀ ଭାଷାରେ اَلْکَبَابِیرُ بِبَلَدِی ନାମକ ବିଷୟ ବସ୍ତୁ ଉପରେ ଏକ ପୁସ୍ତକ ରଚନା କଲେ । ଆପଣ ଅତ୍ୟନ୍ତ ନୀତିନିଷ୍ଠ, ଅଭିମାନୀ, ଅହେମଦିୟତ୍ ଏବଂ ଜମାଅତ୍ ସହିତ ସଂପର୍କିତ ବା ଜଡ଼ିତ ପ୍ରତ୍ୟେକ କଥା ଉପରେ ଆପଣ ଗର୍ବ ପ୍ରକାଶ କରୁଥିଲେ ।

ଆପଣ ଜମାଅତ୍‌ର ଜଣେ ପ୍ରକୃତ ସେବକ ଥିଲେ । ସ୍ୱର୍ଗତ ଅବ୍‌ଦୁଲ୍ଲାଃ ଅସ୍‌ଅଦ୍ ସାହେବଙ୍କୁ ସାଂସଦ ହେବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ଆପଣ ଏହା କହି ଉକ୍ତ ପ୍ରସ୍ତାବକୁ ଅସ୍ୱୀକାର କରିଦେଲେ ଯେ, ରାଜନୀତିରେ ନିଜର ଏକ ନୈତିକତା ଥାଏ । ଅପରପକ୍ଷେ ମୋର ନୈତିକତା ଅହେମଦିୟତ୍ ଅଟେ ।

ସ୍ୱର୍ଗତ ଅବ୍‌ଦୁଲ୍ଲାଃ ସାହେବଙ୍କର ସୁପୁତ୍ର ଖାଲିଦ୍ ଅବ୍‌ଦୁଲ୍ଲାଃ ସାହେବ କୁହନ୍ତି: "ବେଳେବେଳେ ପିତାଶ୍ରୀ ଜମାଅତ୍‌ର କାର୍ଯ୍ୟରେ ଅତି ମାତ୍ରାରେ ନିମଜ୍ଜିତ ତଥା ମଗ୍ନ ହୋଇଯାଉଥିଲେ । ମାତାଶ୍ରୀ ଯେତେବେଳେ ଏକାଠି ବସି ଚାହା ପଇବା କିମ୍ବା ବାହରକୁ ଯିବା ନିମନ୍ତେ କହୁଥିଲେ ସେତେବେଳେ ପିତାଶ୍ରୀ ଉତ୍ତର ଦେଉଥିଲେ ଯେ, ମୋ ନିକଟରେ ଜମାଅତର କାର୍ଯ୍ୟ ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଜମାଅତର କାର୍ଯ୍ୟ ସମାପ୍ତ ହେବା ପରେ ଯାଇ ଅନ୍ୟ କାର୍ଯ୍ୟ ପ୍ରତି ଧ୍ୟାନ ଦେବି ।

ହୁଜୁର ଅନଓ୍ୱର୍ ଅ.ବ କହିଲ, ସ୍ୱର୍ଗତ ଅବଦୁଲ୍ଲାଃ ଅସଦ୍ ସାହେବ ଜମାଅତକୁ ସର୍ବ ପ୍ରଥମେ ପ୍ରାଧାନ୍ୟ ଦେଉଥିଲେ । ତା'ପରେ ଯାଇ ଅନ୍ୟ କାର୍ଯ୍ୟ ଏବଂ ପରିବାରକୁ ଗୁରୁତ୍ୱ ଦେଉଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପଦାଙ୍କୁ ଅନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ । ଯେପରିକି ମୁଁ କହିଲି କି ମୁଁ ନମାଜ ଜୁମା ପରେ ମୁଁ ଏହି ଦୁଇଟି ନମାଜ ଯନାଜାଃ ଗାଏବ୍ ପାଠ କରାଇବି ।"

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଶୁଣାଇଥାଆନ୍ତି) । କାରଣ ପ୍ରାମାଣିକତା, ବୌଦ୍ଧିକତା ଏବଂ ଉଲ୍ଲେଖାଦି କ୍ଷେତ୍ରରେ ସେମାନଙ୍କର ବିନୀତତା ଓ ବିନମ୍ରତା ପ୍ରକଟିତ ହୋଇଥାଏ । ସେହି ବିରୋଧୀମାନେ ଏହା ମନେକରନ୍ତି ଯେ, ସେମାନେ ସତ୍ୟବାଦୀଙ୍କ ପ୍ରମାଣ ମାଧ୍ୟମରେ ବିଜୟ ଲାଭ ହୋଇ ପାରିବେ ନାହିଁ । ଆମର ଅର୍ଥାତ୍ ବିରୋଧୀମାନଙ୍କର ବିଜୟର ଏହି ସ୍ଥିତି ରହିଛି ଯେ, ଆମେମାନେ ଠେଙ୍ଗା ବାଡ଼ି ଧରିନେବୁ ଓ ସେହି ସତ୍ୟବାଦୀମାନଙ୍କୁ ବାଡ଼େଇବୁ। ସେହି ବିରୋଧୀମାନେ ଏହା ମଧ୍ୟ କୁହନ୍ତି ଯେ, ଯେଉଁ ବ୍ୟକ୍ତି ଆମମାନଙ୍କ ବିଶ୍ୱାସ ତଥା ଆସ୍ଥାରୁ ଆମମାନଙ୍କୁ ଘୁଞ୍ଚାଇବାକୁ ଚେଷ୍ଟା କରିବ ଆମେମାନେ ସେହି ପ୍ରମାଣ ଉପସ୍ଥାପନକାରୀଙ୍କର ମୁଣ୍ଡ ଫଟେଇ ଦେବୁ । କିନ୍ତୁ ବିଶ୍ୱାସକାରୀମାନେ ସେମାନଙ୍କର ଅତ୍ୟାଚାରକୁ ସହ୍ୟ କରି ଧୈର୍ଯ୍ୟ ପ୍ରଦର୍ଶନ କରିଥାଆନ୍ତି । କାରଣ ସେମାନେ ଜାଣନ୍ତି ଯେ, ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ସେ ନିଜର ଭକ୍ତମାନଙ୍କୁ ପ୍ରଥମେ ପରୀକ୍ଷାର ଭବ ସାଗର ମଧ୍ୟ ଦେଇ ଅତିକ୍ରମ କରାଇଥାଆନ୍ତି ଏବଂ ପୁନଶ୍ଚ ସେମାନଙ୍କୁ ନିଜର ସାମୀପ୍ୟତା ଓ ସାନ୍ନିଧ୍ୟତା ପ୍ରଦାନ କରିଥାଆନ୍ତି । ସଂସାରରେ ଆଜି ପର୍ଯ୍ୟନ୍ତ ଏପରି କୌଣସି ଅବତାର ଆସି ନାହିଁ ଯେଉଁ ଅବତାରର ସଂପ୍ରଦାୟକୁ ଅଲ୍ଲାଃତାଲା କଠିନରୁ ଅତି କଠିନ ପରୀକ୍ଷାରେ ପକାଇ ସେହି ସଂପ୍ରଦାୟର ପରୀକ୍ଷା ନେଇ ନଥିବେ । ସେହିପରି ସଂସାରରେ ଆଜି ପର୍ଯ୍ୟନ୍ତ ଏପରି କୌଣସି ଅବତାର ଆସି ନାହିଁ ଯେଉଁ ଅବତାରର ସଂପ୍ରଦାୟକୁ ଅଲ୍ଲାଃତାଲା ବିପତ୍ତିର ଭାଟି ମଧ୍ୟରେ ପକାଇ ତା'କୁ ପରିଷ୍କାର ଓ ବିଶୋଧନ କରି ନଥିବେ । ଅଲ୍ଲାଃତାଲାଙ୍କର ପ୍ରିୟ ଭକ୍ତମାନେ ଯେତେବେଳେ ନିଜର ରକ୍ତ ଦ୍ୱାରା ଅବା ନିଜର ଧନ, ମାତୃଭୂମି ଏବଂ ନିଜର ଆତ୍ମୀୟ ସ୍ୱଜନମାନଙ୍କର ବଳିଦାନ ମାଧ୍ୟମରେ ନିଜର ସତ୍ୟତା ଉପରେ ମୋହର ମାରିଛନ୍ତି ସେତେବେଳେ ସେହି ଅବତାରମାନଙ୍କୁ ଈଶ୍ୱରଙ୍କ ନିକଟରେ ସମ୍ମାନିତ କରାଯାଇଛି। ସେହି ଅବତାରମାନେ ସଂସାର ଲୋକରେ ସାଫଲ୍ୟମଣ୍ଡିତ ହେଲେ ଏବଂ ଶେଷ ଦିବସରେ ମଧ୍ୟ ସେମାନଙ୍କୁ ଉଚ୍ଚ ସ୍ତର ଏବଂ ମର୍ଯ୍ୟାଦା ଅବଶ୍ୟ ପ୍ରଦାନ କରାଯିବ ।"

ସୁତରାଂ ବିରୋଧୀମାନଙ୍କର ବିରୋଧରୁ କେବେ ବି ବ୍ୟସ୍ତ ବିବ୍ରତ ହେବା ଉଚିତ୍ ନୁହଁ । ବରଂ ଧୈର୍ଯ୍ୟ ଏବଂ ସହ୍ୟ ପ୍ରଦର୍ଶନ କରି ଦୁଆ ମାଧ୍ୟମରେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ିବା ଉଚିତ୍ । ସମସ୍ତ ହୃଦୟ ପ୍ରଭୁଙ୍କ ହାତ ମୁଠାରେ ଓ ତାହାଙ୍କ ନିୟନ୍ତ୍ରଣାଧୀନ ରହିଛି । ପ୍ରଭୁ ଯେତେବେଳେ ଚାହିଁବେ ସେତେବେଳେ ସେହି ଲୋକମାନଙ୍କୁ ସତ୍‌ମାର୍ଗ ପ୍ରଦାନ କରିଦେବେ । **(ତଫସିର୍ କବିର୍, ଭାଗ-6, ପୃ-89, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)**

☆--☆--☆

## ପୃ-11ରେ ବର୍ଣ୍ଣିତ ଖୁତବା ଜୁମା 22-11-24 ର ଅବଶିଷ୍ଟାଂଶ.....

କଲେ ଏବଂ ମୋ ଦ୍ୱାରା ଆଗତ ଧର୍ମକୁ ବିଜୟ ପ୍ରାପ୍ତ ହୋଇଗଲା ତେବେ ପୁନଶ୍ଚ ମକ୍କାବାସୀଙ୍କୁ ମଧ୍ୟ ବିଶ୍ୱାସ ଆଣିବା ନିମନ୍ତେ କୌଣସି ପଛଘୁଞ୍ଚା ଦେବା ଉଚିତ୍ ନୁହେଁ ଓ ବିଳମ୍ବ କରିବା ଉଚିତ୍ ନୁହଁ । ବୁଦୈଲ୍ ବିନ୍ ୱର୍କା ଉପରେ ଆପଣ ସ.ଅଙ୍କ ଏହି ନିଷ୍ଠାପୂର୍ଣ୍ଣ ଏବଂ ବିନୀତତାମୂଳକ ଭାଷଣର ଅତ୍ୟନ୍ତ ଗଭୀର ପ୍ରଭାବ ପଡ଼ିଲା। ସେ ଆପଣ ସ.ଅଙ୍କୁ କହିଲା, ଆପଣ ମୋତେ କିଛି ସମୟ ଦିଅନ୍ତୁ କି ମୁଁ ମକ୍କା ଯାଇ ଆପଣ ସ.ଅଙ୍କ ସନ୍ଦେଶ ପହଞ୍ଚାଇ ଦେବି ଓ ସନ୍ଧି ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରିବି। ଆପଣ ସ.ଅ ବୁଦୈଲ୍‌କୁ ଅନୁମତି ପ୍ରଦାନ କଲେ ଓ ବୁଦୈଲ୍ ନିଜର ସଂପ୍ରଦାୟର ଶେଷ ଲୋକମାନଙ୍କୁ ନିଜ ସହିତ ନେଇ ମକ୍କା ଅଭିମୁଖେ ବାହାରି ପଡ଼ିଲା । ଯେତେବେଳେ ବୁଦୈଲ୍ ବିନ୍ ୱର୍କା ମକ୍କା ଠାରେ ପହଞ୍ଚିଲା ସେତେବେଳେ ସେ କୁରୈଶ୍‌ମାନଙ୍କୁ ଏକତ୍ରିତ କରି ସେମାନଙ୍କୁ କହିଲା ସେହି ବ୍ୟକ୍ତି ଅର୍ଥାତ୍ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ. ନିକଟରୁ ଆସୁଛି । ସେ ମୋ ସମ୍ମୁଖରେ ଏକ ପ୍ରସ୍ତାବ ଉପସ୍ଥାପିତ କରିଛି । ଯଦି ଆପଣମାନେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ଏହାର ଅର୍ଥାତ୍ ଉକ୍ତ ପ୍ରସ୍ତାବର ଚର୍ଚ୍ଚା କରିବି । ପ୍ରତ୍ୟୁତ୍ତରରେ କୁରୈଶ୍‌ର ଉତ୍ସାହ ଏବଂ ଦାୟିତ୍ୱହୀନ ଲୋକମାନେ କହିବାକୁ ଲାଗିଲେ ଯେ, ଆମେମାନେ ସେହି ଲୋକର କୌଣସି କଥା ସ୍ୱୀକାର କରିବାକୁ ପ୍ରସ୍ତୁତ ନାହୁଁ । ଅର୍ଥାତ୍ ଆଁହଜରତ ସ.ଅଙ୍କ କୌଣସି କଥା ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ନାହୁଁ । କିନ୍ତୁ ପରାମର୍ଶଦାତାମାନେ ଏବଂ ସଭ୍ୟ ଲୋକମାନେ କହିଲେ, ହଁ ହଁ ଯେଉଁ ପ୍ରସ୍ତାବ ରହିଛି ସେଥି ସଂକ୍ରାନ୍ତରେ ଆମକୁ ତୁମେ କୁହ ।

ସୁତରାଂ ବୁଦୈଲ୍ ଆଁହଜରତ ସ.ଅଙ୍କ ଦ୍ୱାରା ଉପସ୍ଥାପିତ ପ୍ରସ୍ତାବର ପୁନରାବୃତ୍ତି କଲା । ପ୍ରତ୍ୟୁତ୍ତରରେ ଉର୍‌ୱାହ୍ ବିନ୍ ମସଉଦ୍ ନାମକ ଜଣେ ବ୍ୟକ୍ତି ଯେକି ସକିଫ୍ ସଂପ୍ରଦାୟର ଅତ୍ୟନ୍ତ ପ୍ରଭାବଶାଳୀ ଅଧିପତି ଥିଲା ସେ ସେତେବେଳେ ମଦିନାରେ ଉପସ୍ଥିତ ଥିଲା । ସେ ଛିଡ଼ା ହୋଇଗଲା ଏବଂ ପ୍ରାଚୀନ ଆରବ୍ୟ ଶୈଳୀରେ କୁରୈଶ୍‌ମାନଙ୍କୁ କହିବାକୁ ଲାଗିଲା, "ହେ ଲୋକମାନେ ! ମୁଁ କ'ଣ ତୁମ ପିତାଙ୍କ ସ୍ଥାନରେ ନାହିଁ (ଅର୍ଥାତ୍ ପିତାଙ୍କ ପରି ନୁହଁ) ? ସେହି ଲୋକମାନେ କହିଲେ, ହଁ ଅବଶ୍ୟ।" ଉର୍‌ୱାହ୍ ପୁନଶ୍ଚ କହିଲା, କ'ଣ ଆପଣମାନେ ମୋର ପୁତ୍ର ସନ୍ତାନଙ୍କ ପରି ନୁହନ୍ତି ? ସେମାନେ କହିଲେ (ସଂପ୍ରଦାୟର ଲୋକମାନେ) ହଁ ହଁ ଅବଶ୍ୟ ଆମେମାନେ ଆପଣଙ୍କ ପୁତ୍ର ପରି ଅଟୁ । ଉର୍‌ୱାହ୍ ପୁନଶ୍ଚ କହିଲା, ହେ ଲୋକମାନେ ! କ'ଣ ତୁମେମାନେ ମୋ ଉପରେ ଭରସା ଏବଂ ବିଶ୍ୱାସ କରୁ ନାହଁ କି ? କୁରୈଶ୍‌ମାନେ କହିଲେ, କଦାପି ନୁହଁ । ସେ କହିଲା, ତାହାହେଲେ ମୋର ଏହି ମତ ରହିଛି ଯେ, ସେହି ବ୍ୟକ୍ତି ଅର୍ଥାତ୍ ମୁହମ୍ମଦ ସ.ଅ ଆପଣଙ୍କ ସମ୍ମୁଖରେ ଅତି ଉତ୍ତମ ପ୍ରସଙ୍ଗ ଉପସ୍ଥାପିତ କରିଛନ୍ତି । ତେଣୁ ତୁମେମାନେ ସେହି ପ୍ରସ୍ତାବକୁ ସ୍ୱୀକାର କରିନିଅ ଓ ମୋତେ ଅନୁମତି ଦିଅ ଯେ, ମୁଁ ଆପଣମାନଙ୍କ ପକ୍ଷରୁ ମୁହମ୍ମଦ (ସ.ଅ)ଙ୍କ ନିକଟରେ ଯାଇ ଅତିରିକ୍ତ ବାର୍ତ୍ତାଳାପ କରିବି ।" କୁରୈଶ୍‌ମାନେ କହିଲେ, ନିଃସନ୍ଦେହ ତୁମ ଯାଅ ଓ କଥୋପକଥନ ହୁଅ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହିବ୍ ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-755-756)**

ଉର୍‌ୱାହ୍ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲା । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଉର୍‌ୱାହ୍ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସି କହିବାକୁ ଲାଗିଲା ଯେ, ହେ ମୁହମ୍ମଦ ସ.ଅ ! ମୁଁ କାଆବ୍ ବିନ୍ ଲୁଓ୍ୱୈଇ ଏବଂ ଆମିର୍ ବିନ୍ ଲୁଓ୍ୱୈଇଙ୍କୁ ହୁଦୈବିୟାହ୍‌ର ଜଳ ପାଖରେ ଛାଡ଼ି ଦେଇଛି । ସେମାନଙ୍କ ସହିତ ଦୁଧିଆଳୀ ଛେଳୀ ଅଛନ୍ତି । ସେମାନେ ଅହୟାଇଶ୍ (ଅହାଇଶ୍ କୁରୈଶ୍‌ମାନଙ୍କର ମିତ୍ର ସଂପ୍ରଦାୟ ଥିଲେ । ସେମାନେ ହବ୍‌ଶୀ ନାମକ **(ଅବଶିଷ୍ଟାଂଶ..ପୃ-12ରେ)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیْسَ اللّٰہُ بِکَافٍ عَبْدَہٗ

(ଅଜ୍ କ୍ରମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

ଉରୱାହ୍ କହିଲେ: ହେ ମୋର ଲୋକମାନେ ! ମୁଁ ସମ୍ରାଟ୍ କୈସର୍, କିସ୍ରା ଓ ନଜ୍ଜାସୀଙ୍କ ଦରବାରରେ ରାଜଦୂତ ସକାଶେ ଯାଇଅଛି । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ କେବେ ଏପରି ସମ୍ରାଟ୍ ଦେଖି ନାହିଁ ଯେଉଁ ସମ୍ରାଟଙ୍କର ଏହିପରି ଆଜ୍ଞା ପାଳନ କରାଯାଉଥିବ ଯେପରିକି ମୁହମ୍ମଦ ସ.ଅଙ୍କର ସାହାବାମାନେ ଆଜ୍ଞା ପାଳନ କରୁଛନ୍ତି ଏବଂ ଆଁହଜରତ ସ.ଅଙ୍କ ପ୍ରତି ଆଜ୍ଞାବହତ୍ୱ ପ୍ରକାଶ କରିଛନ୍ତି ।

ନବୀ କରୀମ୍ ସ.ଅ କହିଲେ: "ଆମେମାନେ ଯୁଦ୍ଧ ଉଦ୍ଦେଶ୍ୟ ନେଇ ଏଠାକୁ ଆସି ନାହୁଁ । ବରଂ ଆମେମାନେ ଏଠାକୁ କେବଳ ଉମ୍ରାହ୍ କରିବା ନିମନ୍ତେ ଆସିଛୁ.....ମୁଁ ତ' ଏହି ଲୋକମାନଙ୍କ ସହିତ ଉକ୍ତ ଚୁକ୍ତି ନିମନ୍ତେ ମଧ୍ୟ ପ୍ରସ୍ତୁତ ଅଛି ଯେ, ସେମାନେ ମୋ ବିରୁଦ୍ଧରେ ଯୁଦ୍ଧ ବିରାମ ବା ଯୁଦ୍ଧ ସମାପ୍ତ କରି ମୋତେ ଅନ୍ୟମାନଙ୍କ ନିମନ୍ତେ ସ୍ୱାଧୀନ ଛାଡ଼ି ଦିଅନ୍ତୁ । କିନ୍ତୁ ସେମାନେ ଯଦି ମୋର ଉକ୍ତ ପ୍ରସ୍ତାବକୁ ରଦ୍ଦ ବା ପ୍ରତ୍ୟାଖ୍ୟାନ କରି ଦିଅନ୍ତି ତେବେ ସେ ସ୍ଥଳେ ଅବଶ୍ୟ ଯୁଦ୍ଧର ବହ୍ନି ପ୍ରଜ୍ୱଳିତ କରି ରଖି ଦିଆଯିବ । ସୁତରାଂ ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ଅର୍ଥାତ୍ ମୁଁ ମଧ୍ୟ ଉକ୍ତ ଯୁଦ୍ଧରୁ ସେତେବେଳେ ପର୍ଯ୍ୟନ୍ତ ପଛ ଘୁଞ୍ଚା ଦେବା ନାହିଁ କିମ୍ବା ମୋର ପ୍ରାଣ ଏହି ମାର୍ଗରେ ଉତ୍ସର୍ଗ ହୋଇଯାଉ ଅବା ଈଶ୍ୱର ମୋତେ ବିଜୟୀ କରି ଦିଅନ୍ତୁ ।"

ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କ ପଛରେ ବସିଥିଲେ । ସେ କ୍ରୋଧିତ ହୋଇଗଲେ ଏବଂ ଉରୱାହଙ୍କୁ କହିବାକୁ ଲାଗିଲେ: ହେ ଉରୱାହ୍ ! ତୁମେ ନିଜ ପିତୁଳା ଲାତ୍‌କୁ ଚୁମ୍ବନ ଦେଉଥାଅ । ଅର୍ଥାତ୍ ଲାତ୍ ଠାକୁରର ଉପାସନା କରୁଥାଅ । ତୁମେ ଆମକୁ ଏକଥା କୁହ ନାହିଁ । ତା' ବୋଲି କ'ଣ ଆମେମାନେ ଆଁହଜରତ ସ.ଅଙ୍କୁ ଛାଡ଼ି ଚାଲିଯିବୁ କି ?

କୁରୈଶ୍‌ମାନେ ଶାନ୍ତି ଭଙ୍ଗ ଭଳି ସ୍ଥିତି ସୃଷ୍ଟି କରି ଚାଲିଲେ । କିନ୍ତୁ ଆଁହଜରତ ସ.ଅ ସେମାନଙ୍କୁ ଅଣଦେଖା କରି କ୍ଷମା କରି ଚାଲିଲେ । ଆପଣ ସ.ଅ ସାହାବାମାନଙ୍କୁ କହିଲେ: "ଆସ ଏବଂ ମୋ ହାତ ଉପରେ ହାତ ରଖ (ଇସଲାମ୍ ଧର୍ମର ବୈଅତ୍ ଅର୍ଥାତ୍ ଦୀକ୍ଷା ଗ୍ରହଣ କରିବାର ଯେଉଁ ପ୍ରକ୍ରିୟା ଓ ପନ୍ଥା ରହିଛି) ଏହି ଶପଥ କର କି ତୁମେମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ପିଠି ଦେଖାଇବ ନାହିଁ ଅର୍ଥାତ୍ ପଳାୟନ କରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରାଣକୁ ଉତ୍ସର୍ଗ କରିଦେବ । କିନ୍ତୁ କୌଣସି ପରିସ୍ଥିତିରେ ବି ନିଜ ସ୍ଥାନକୁ ଛାଡ଼ିବ ନାହିଁ ।"

ଯେତେବେଳେ ସାହାବା ଏବଂ ଲୋକମାନେ ବୈଅତ୍ କରୁଥିଲେ (ଦୀକ୍ଷା ଗ୍ରହଣ କରୁଥିଲେ) ସେତେବେଳେ ଆଁହଜରତ ସ.ଅ ନିଜର ବାମ ହସ୍ତ ନିଜର ଦକ୍ଷିଣ ହସ୍ତ ଉପରେ ରଖି କହିଲେ: "ଉକ୍ତ ହସ୍ତଟି ଉସମାନଙ୍କର ହସ୍ତ ଅଟେ । କାରଣ ସେ (ହ. ଉସମାନ ର.ଅ) ଯଦି ଏଠି ଥାଆନ୍ତେ ତେବେ ଉକ୍ତ ପବିତ୍ର ବ୍ୟାପାରରରେ କୌଣସି ମତେ ପଛାଇ ରହି ନଥାଆନ୍ତା । କିନ୍ତୁ ସେ ବର୍ତ୍ତମାନ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ କାର୍ଯ୍ୟରେ ନିମଗ୍ନ ଅଛନ୍ତି ।"

ସାହାବାବୃନ୍ଦଙ୍କ ଚର୍ଚ୍ଚା କରି କହୁଥିଲେ ଯେ, ଉକ୍ତ ବୈଅତ୍ ମୃତ୍ୟୁର ଶପଥମୂଳକ ବୈଅତ୍ ଥିଲା । ଅର୍ଥାତ୍ ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ଇସ୍‌ଲାମ୍ ଧର୍ମ ସକାଶେ ଏବଂ ଇସ୍‌ଲାମ୍ ଧର୍ମର ସମ୍ମାନ ଏବଂ ଗୌରବ ଓ ଯଶ ସକାଶେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେବ । କିନ୍ତୁ ପଛ ଘୁଞ୍ଚା ଦେବ ନାହିଁ । ଉକ୍ତ ବୈଅତ୍‌ର ଏକ ବିଶେଷ ପକ୍ଷ ମଧ୍ୟ ରହିଥିଲା । ସେହି ପକ୍ଷ ଏହିପରି ଯେ, ଉକ୍ତ ଚୁକ୍ତି ଏବଂ ଅଙ୍ଗୀକାର କେବଳ ବାଚିକ ଓ ସାମୟିକ ସ୍ୱୀକାରୋକ୍ତି ନଥିଲା ଯେ, ତାହା ସାମୟିକ ଅବସ୍ଥାରେ କରି ଦିଆଯାଇଥିବ ତାହା ନୁହେଁ । ବରଂ ଉକ୍ତ ଚୁକ୍ତି ହୃଦୟର ଅତଳ ଗହ୍ୱରର ସ୍ୱର ଥିଲା । ଉକ୍ତ ସ୍ୱର ପଛରେ ମୁସଲମାନମାନଙ୍କର ସମସ୍ତ ଶକ୍ତି ଏକ କେନ୍ଦ୍ର ବିନ୍ଦୁ ଠାରେ ହିଁ ଏକତ୍ରିତ ହୋଇଥିଲା ।

ହୁଦୈବିୟାହର ପରିସ୍ଥିତି, ଘଟଣାବଳୀ ଏବଂ ବୈଅତେ ରିଜ୍‌ୱାନ୍‌ର ବିସ୍ତୃତ ବିବରଣୀର ପ୍ରଭାବଶାଳୀ ବର୍ଣ୍ଣନା, ସେହିପରି ସଂସାରର ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଆ କରିବା ଏବଂ ସତର୍କତା ଅବଲମ୍ବନ କରିବା ପ୍ରତି ହୁଜୁର ଅନ୍‌ୱର୍ ଅ.ବ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସ୍ମରଣ କରାଇଲେ ।

ସବୁଠୁ ପ୍ରମୁଖ କେନ୍ଦ୍ର ବିନ୍ଦୁ ଏହିକି ଯେ, ଅଲ୍ଲାଃତାଲାଙ୍କର ସାନ୍ନିଧ ଏବଂ ସାମୀପ୍ୟତା ପ୍ରାପ୍ତି କରିବା ପ୍ରତି ଉଦ୍ୟମ କରନ୍ତୁ । ତାହାଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ସେହି ଈଶ୍ୱରଙ୍କ ସହିତ ସଂପର୍କ ସ୍ଥାପନ କରିବା ପ୍ରତି ଉଦ୍ୟମ କରନ୍ତୁ ଏବଂ ତାହାଙ୍କ ଆଡ଼କୁ ଅଗ୍ରସର ହେବା ନିମନ୍ତେ ଉଦ୍ୟମ କରନ୍ତୁ ।

**22 NOVEMBER 2024 ମସିହା ଅନୁଯାୟୀ ୨୨ ନବୁୱତ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ إِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବାରେ ମୁଁ ହୁଦୈବିୟାହ୍ ଯୁଦ୍ଧ ସଂକ୍ରାନ୍ତରେ ଚର୍ଚ୍ଚା କରୁଥିଲି । ଏଥି ସଂକ୍ରାନ୍ତରେ ବୁଦୈଲ୍ ବିନ୍ ୱର୍କା ଖୁଜାଇ ଏବଂ ଅନ୍ୟାନ୍ୟ କୁରୈଶୀୟ ସନ୍ଦେଶବାକମାନଙ୍କର ରସୁଲ୍ କରୀମ୍ ସ.ଅଙ୍କ ନିକଟରେ ଆସିବାର ଚର୍ଚ୍ଚା ମଧ୍ୟ ମିଳିଥାଏ । ଉକ୍ତ ଘଟଣାର ବିସ୍ତୃତ ବିବରଣୀରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଆଁହଜରତ ସ.ଅ ହୁଦୈବିୟାହର ଉପତ୍ୟକା ଠାରେ ପହଞ୍ଚି ଉକ୍ତ ଉପତ୍ୟକାର ଝରଣା ନିକଟରେ ଅବସ୍ଥାନ କଲେ । ସାହାବାମାନେ ଯେତେବେଳେ ସେହି ସ୍ଥାନରେ ଶିବିର ସ୍ଥାପନ କରି ସାରିଲେ ସେତେବେଳେ ଖୁଜାଅ ସଂପ୍ରଦାୟର ବୁଦୈଲ ନାମକ ଏକ ବିଖ୍ୟାତ ଅଧିପତି ଯେକି ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିଲା ସେ ନିଜର କେତେକ ସାଥିମାନଙ୍କ ସହିତ ଆଁହଜରତ ସ.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଆସିଲା । ବୁଦୈଲ୍ ଆଁହଜରତ ସ.ଅଙ୍କୁ କହିଲା, ହେ ମୁହମ୍ମଦ୍ ସ.ଅ ! ମକ୍କାର ଅଧିପତିମାନେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇ ଛିଡ଼ା ହୋଇ ରହିଛନ୍ତି ଏବଂ ସେମାନେ କେବେ ବି ଆପଣଙ୍କୁ ମକ୍କାରେ ପ୍ରବେଶ କରିବାକୁ ଦେବେ ନାହିଁ । ଆପଣ ସ.ଅ କହିଲେ, "ଆମେମାନେ ତ' ଯୁଦ୍ଧ କରିବା ଉଦ୍ଦେଶ୍ୟରେ ଆସି ନାହୁଁ । ବରଂ କେବଳ ଉମ୍ରାହ୍ କରିବା ଉଦ୍ଦେଶ୍ୟରେ ଆସିଛୁ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ,ମକ୍କାର କୁରୈଶମାନଙ୍କୁ ଯୁଦ୍ଧର ବହ୍ନି ଅର୍ଥାତ୍ ନିଆଁ ଦଗ୍ଧୀଭୂତ କରି ପାଉଁଶ କରି ପକାଇଛି । କିନ୍ତୁ ତଥାପି ଏହି ଲୋକମାନେ ତହିଁରୁ ନିବୃତ୍ତ ତଥା କ୍ଷାନ୍ତ ହେଉ ନାହାନ୍ତି । ମୁଁ ତ' ସେହି ଲୋକମାନଙ୍କ ସହିତ ଚୁକ୍ତି ଏବଂ ସନ୍ଧି କରିବା ନିମନ୍ତେ ମଧ୍ୟ ପ୍ରସ୍ତୁତ ଅଛି । କାରଣ ସେମାନେ ମୋ ବିପକ୍ଷରେ ଯୁଦ୍ଧ ବିରାମ କରି ମୋତେ ଅନ୍ୟ ଲୋକମାନଙ୍କ ନିମନ୍ତେ ସ୍ୱାଧୀନ ଛାଡ଼ି ଦିଅନ୍ତୁ । କିନ୍ତୁ ଯଦି ସେମାନେ ମୋର ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ ଏବଂ ଯେକୌଣସି ପରିସ୍ଥିତିରେ ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରି ରଖିଲେ ତେବେ ମୁଁ ମଧ୍ୟ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ତେଣୁ ଯେପର୍ଯ୍ୟନ୍ତ ମୋର ପ୍ରାଣ ବାୟୁ ସେହି ମାର୍ଗରେ ଉତ୍ସର୍ଗ ହୋଇଯାଇ ନାହିଁ ଅବା ଯେପର୍ଯ୍ୟନ୍ତ ଈଶ୍ୱର ମୋତେ ବିଜୟ ଲାଭ ପ୍ରଦାନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ମୁଁ ଏଠାରୁ ହଟିବି ନାହିଁ ।"

ମୁଁ ଯଦି ସେମାନଙ୍କ ବିପକ୍ଷରେ ଆସି ନିଶ୍ଚିହ୍ନ ହୋଇଗଲି ତେବେ କଥା ସରିଲା ଜାଣ । କିନ୍ତୁ ଈଶ୍ୱର ଯଦି ମୋତେ ବିଜୟ ପ୍ରଦାନ **(ଅବଶିଷ୍ଟାଂଶ...ପୃ-10ରେ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday- 02-09 January 2025 Issue No. 01-02

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-10ରେ ବର୍ଣ୍ଣିତ ଖୁତବା ଜୁମା 22-11-24 ର ଅବଶିଷ୍ଟାଂଶ.....

ପର୍ବତର ପାଦ ଦେଶରେ ପ୍ରତିକ୍ଷା କରିଥିଲେ । ତେଣୁ ସେହି ଲୋକମାନଙ୍କୁ ଅହାଇଶ୍ କୁହାଯିବାକୁ ଲାଗିଲା) ସେମାନଙ୍କର ଅନୁଗାମୀମାନଙ୍କୁ ଡକାଇ କହିବାକୁ ଲାଗିଲା। ସେମାନେ ଚିତା ବାଘର ଛାଲ ପରିଧାନ କରିଥିଲେ । ଅର୍ଥାତ୍ ଅବିଶ୍ୱାସକାରୀମାନେ ଚିତା ବାଘ ଛାଲ ପରିଧାନ କରିଛନ୍ତି ସେମାନେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ଅଛନ୍ତି । ସେମାନେ ଏହି ଶପଥ କରିଛନ୍ତି ଯେ, ସେମାନେ ବୈତୁଲ୍ଲାଃ ଅଭିମୁଖେ ଆପଣ ସ.ଅଙ୍କୁ ବାଟ ଛାଡ଼ିବେ ନାହିଁ । ଅର୍ଥାତ୍ ବୈତୁଲ୍ଲାଃ ଅଭିମୁଖେ ଯିବାକୁ ଦେବେ ନାହିଁ। ଏପର୍ଯ୍ୟନ୍ତକି ଆପଣ ସ.ଅ ସେମାନଙ୍କର ସଂହାର କରିଦେଇ ନାହାନ୍ତି । ଅର୍ଥାତ୍ ଆଁହଜରତ ସ.ଅ ସେହି ଅବିଶ୍ୱାସକାରୀମାନଙ୍କର ସଂହାର କରିଦେଇ ନାହାନ୍ତି । ସେ କହିବାକୁ ଲାଗିଲା ଯେ, ନିଃସନ୍ଦେହ ଆପଣ ଯେଉଁମାନଙ୍କ ସହିତ ଯୁଦ୍ଧ କରିବେ ଦୁଇଟି ପ୍ରସଙ୍ଗ ମଧ୍ୟରୁ ଗୋଟିଏ ପ୍ରସଙ୍ଗ ହେବା ସୁନିଶ୍ଚିତ ଅଟେ । ଆଁହଜରତ ସ.ଅଙ୍କୁ କହିବାକୁ ଲାଗିଲା ଯେ, ହେ ମୁହମ୍ମଦ୍ (ସ.ଅ)! (1) ହୁଏ ତ' ଆପଣ ନିଜର ଜାତିକୁ ବିପର୍ଯ୍ୟୟମୁଖୀ କରାଇ ସେମାନଙ୍କୁ ମୃତ୍ୟୁ ମୁଖରେ ପକାଇଦେବେ । ଆଜି ପର୍ଯ୍ୟନ୍ତ ଏପରି ଶୁଣାଯାଇ ନାହିଁ ଯେ, କୌଣସି ବ୍ୟକ୍ତି ନିଜର ଜାତିର ସର୍ବନାଶ କରିଦେଇଛି ଏବଂ ନିଜ ଘର ପରିବାରଙ୍କର ସର୍ବନାଶ କରିଦେଇଛି । (2) କିମ୍ବା ଦ୍ୱିତୀୟ ପ୍ରସଙ୍ଗ ଏହିକି ଯେ, ଯେଉଁ ଲୋକମାନେ ଆପଣ ସ.ଅଙ୍କ ସହିତ ଅଛନ୍ତି ସେମାନେ ଆପଣ ସ.ଅଙ୍କୁ ତିରସ୍କୃତ କରିଦେବେ । ଅର୍ଥାତ୍ ଉରୱାହ୍ ଆପଣ ସ.ଅଙ୍କୁ ଏପରି ଭୟଭୀତ କରାଇବା ପାଇଁ ଉଦ୍ୟମ କଲା ଏବଂ ଏପରି କଥା କହିଲା ଯେ, ଏହି ଲୋକମାନେ (ଆପଣ ସ.ଅଙ୍କର ସାହାବାମାନେ ଓ ଅନ୍ୟ ବିଶ୍ୱାସକାରୀମାନେ) ଯେଉଁମାନେ ଆପଣ ସ.ଅଙ୍କ ସହିତ ଅଛନ୍ତି ସେମାନେ ତ' ଭୀରୁ ଓ କାପୁରୁଷ ଅଟନ୍ତି । ସେ କହିବାକୁ ଲାଗିଲା ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆପଣ ସ.ଅ ସହିତ ଯେଉଁ ବିଭିନ୍ନ ଲୋକମାନେ ଅଛନ୍ତି ସେମାନଙ୍କର ମୁଖକୁ ଦେଖି ଏପରି ପ୍ରତିତ ହେଉଛି ଯେପରିକି ସେମାନେ କେବଳ ପଳାୟନ କରିବେ । ଉର୍ୱାହ୍ ସାହାବାମାନଙ୍କ ପ୍ରତି କୁଧାରଣା ବ୍ୟକ୍ତ କରି ଏପରି କଥା କହିଲା ।

ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଉର୍ୱହା କହିଲା ଏହି ଲୋକମାନଙ୍କ ମଧ୍ୟରୁ ଏପରି ନୂଆ ଲୋକ ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ମୁହଁ ଦେଖିଲେ ଏପରି ପ୍ରତିତ ହେଉଛି ଯେ, ମୁଁ ସେମାନଙ୍କୁ ଚିହ୍ନି ନାହିଁ ଓ ନା ହିଁ ସେମାନଙ୍କର ବଂଶ ତଥା ସେମାନଙ୍କ ଚରିତ୍ର ପ୍ରତି ମୁଁ ଅବଗତ ଅଛି । ମୁଁ ଏହା ମନେକରୁଛି ଯେ,ଏମାନେ ପଳାୟନ କରିବେ ଏବଂ ଆପଣ (ସ.ଅ)ଙ୍କୁ ସେମାନେ ଛାଡ଼ିଦେବେ ।

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଉରୱାହ୍ କହିଲା, ହେ ମୁହମ୍ମଦ (ସ.ଅ) ! ମୁଁ ଦେଖୁଛି ଯେ, ଆପଣ ଯଦି କୁରୈଶମାନଙ୍କ ସହିତ ଯୁଦ୍ଧ କଲେ ତେବେ ଏମାନେ ଆପଣଙ୍କୁ କୁରୈଶଙ୍କୁ ହସ୍ତାନ୍ତର କରିଦେବେ । ସୁତରାଂ ଏହିପରି ଭାବରେ ଉର୍ୱାହ୍ ଆଁହଜରତ ସ.ଅଙ୍କୁ ପ୍ରଭାବିତ ଏବଂ ଭୟଭୀତ କରାଇବାକୁ ଉଦ୍ୟମ କଲା । ସେ କହିଲା, ହେ ମୁହମ୍ମଦ (ସ.ଅ) ! କୁରୈଶ୍ମାନେ ଆପଣ ସ.ଅଙ୍କୁ ବନ୍ଦୀ କରିନେବେ । ଏହାଠୁ ବଳି ବଷମ ଓ ଭୟଙ୍କର ବସ୍ତୁ ଆଉ କ'ଣ ବା ହୋଇପାରେ ? ସୁତରାଂ ହ. ଅବୁ ବକ୍କର ର.ଅ ଯେକି ରସୁଲୁଲ୍ଲାଃ ସ.ଅଙ୍କ ପଛରେ ବସିଥିଲେ ସେ କ୍ରୋଧିତ ହୋଇଗଲେ ଏବଂ କହିବାକୁ ଲାଗିଲେ, ହେ ଉର୍ୱାହ୍ ! ତୁ ନିଜ ପିତୁଳା ଲାତ୍ ଠାକୁରକୁ ଚୁମ୍ବନ ଦେଉଥା । ଅର୍ଥାତ୍ ଲାତ୍ ଠାକୁରର ତୁ ପୂଜା କରୁଥା । ଆମମାନଙ୍କୁ ତୁ ଏପରି କଥା କହ ନାହିଁ । ତୁ ଯେଉଁ କଥା ଆମମାନଙ୍କୁ କହୁଛୁ ଆମେମାନେ ଭୟଭୀତ ହୋଇ ତୋ କଥା ମାନି ନାଉଜୁବିଲ୍ଲାଃ କ'ଣ ହ. ମୁହମ୍ମଦ୍ ସ.ଅଙ୍କୁ ଛାଡ଼ିଦେବୁ ? କଦାପି ନୁହଁ ।

ପ୍ରତ୍ୟୁତ୍ତରରେ ଉର୍ୱହା କହିଲା, ଏହି ବ୍ୟକ୍ତି କିଏ ? ଆଁହଜରତ ସ.ଅ ଏବଂ ମୁସଲମାନମାନେ ଉତ୍ତର ଦେଲେ ଏ ହେଉଛନ୍ତି ଅବୁ ବକର । ଉର୍ୱହା କହିଲା, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ଯେ, ହେ ଅବୁ ବକ୍କର ! ମୋ ଉପରେ ଯଦି ତୋର ଗୋଟିଏ ଉପକାର ନଥାଆନ୍ତା ତେବେ ମୁଁ ଉକ୍ତ କଥାର ଉତ୍ତର ଅବଶ୍ୟ ତୋତେ ପ୍ରଦାନ କରି ଥାଆନ୍ତି । ଅର୍ଥାତ୍ କୌଣସି କାଳରେ ହ. ଅବୁ ବକ୍କର ର.ଅ ଉର୍ୱାହ୍ ଉପରେ ଉପକାର କରିଥିଲେ । ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଉର୍ୱାହ୍ ନିଜର ଦିୟତ୍ (କ୍ଷତିପରୂଣ ପୈଠ କରିବା) ପୈଠ କରିବା ନିମନ୍ତେ ହ. ଅବୁ ବକ୍କର ର.ଅଙ୍କ ଠାରୁ ସାହାଯ୍ୟ ଓ ସହଯୋଗ ଲୋଡ଼ିଥିଲା । ଅର୍ଥାତ୍ ଉର୍ୱାହ୍ କୌଣସି ବ୍ୟକ୍ତିକୁ ହତ୍ୟା କରି ଦେଇଥିଲା । ତେଣୁ ସେ ମୃତକ ପରିବାରକୁ ଦିୟତ୍ ଅର୍ଥାତ୍ କ୍ଷତିପୂରଣ ଦେଇଥାଆନ୍ତା । ତେଣୁ ଏଥି ନିମନ୍ତେ ସେ ଲୋକମାନଙ୍କ ଠାରୁ ସାହାଯ୍ୟ ମାଗିଲା । କେହି ଉରୱାହକୁ 2ଟି ଓଟ ଦେଇ ସାହାଯ୍ୟ କଲା ତା' ଆଉ କେହି ତା'କୁ 3ଟି ଓଟ ଦେଇ ସାହାଯ୍ୟ କଲା । ହେଲେ ହ. ଅବୁ ବକ୍କର ର.ଅ ଉର୍ୱାହକୁ 10ଟି ଓଟ ଦେଇ ସାହାଯ୍ୟ କରିଥିଲେ । ସୁତରାଂ ହ. ଅବୁ ବକ୍କର ର.ଅ ଉର୍ୱାହ୍ ଉପରେ ଏହି ଉପକାର କରିଥିଲେ ।

ଉର୍ୱାହ୍ ପୁନଶ୍ଚ ରସୁଲୁଲ୍ଲାଃ ସ.ଅଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲା ଏବଂ ସେ ଯେତେବେଳେ ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରୁଥିଲା ସେତେବେଳେ ସେ ଆପଣ ସ.ଅଙ୍କ ଦାଢିକୁ ହାତ ମାରୁଥିଲା । ହ. ମୁଗିରାହ୍ ବିନ୍ ଶୋବା ର.ଅ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଖଡ଼୍ଗ ଧରି ଛିଡ଼ା ହୋଇଥିଲେ ଏବଂ ନିଜର ମୁଣ୍ଡରେ ଲୌହ ମୁକୁଟ ପିନ୍ଧିଥିଲେ । ଉର୍ୱହା କଥାବାର୍ତ୍ତା କରିବା ନିମନ୍ତେ ଆଗକୁ ଅଗ୍ରସର ହେଲା । ପୁନଶ୍ଚ ଉର୍ୱାହ ଏଇଥି ପାଇଁ ନିଜର ହସ୍ତ ଆଗକୁ ପ୍ରସାରିତ କଲା ଯେ ସେ ଆପଣ ସ.ଅଙ୍କ ଦାଢିକୁ ହସ୍ତ ସ୍ୱର୍ଶ କରିବ । ହ. ମୁଗିରାହ୍ ବିନ୍ ଶୋବା ର.ଅ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଖଡ଼୍ଗ ଧରି ଛିଡ଼ା ହୋଇଥିଲେ ଏବଂ ନିଜ ମୁଣ୍ଡରେ ଲୌହ ମୁକୁଟ ପରିଧାନ କରିଥିଲେ । ଉର୍ୱାହ୍ କଥାବାର୍ତ୍ତା କରିବା ନିମନ୍ତେ ପୁଣି ଆଗକୁ ବଢିଲା । ସେ ପୁନଶ୍ଚ ନିଜର ହସ୍ତ ଆଗକୁ ପ୍ରସାରିତ କଲା । କାରଣ ଆପଣ ସ.ଅଙ୍କ ପବିତ୍ର ଦାଢିକୁ ସେ ନିଜ ହସ୍ତ ଦ୍ୱାରା ସ୍ୱର୍ଶ କରୁ ।

ତେଣୁ ହ. ମୁଗିରାହ୍ ର.ଅ ନିଜର ଖଡ଼୍ଗର କୋଣ ସାହାଯ୍ୟରେ ତା'ର ଅପବିତ୍ର ହାତକୁ ହଟାଇ ଦେଲେ ଏବଂ କହିଲେ, ହେ ଉର୍ୱାହ୍ ! ରୁସୁଲ୍ଲାଃ ସ.ଅଙ୍କ ଦାଢିରୁ ନିଜର ଅପବିତ୍ର ହାତକୁ ହଟାଇ ଦେ ଅନ୍ୟଥା ତୋ ଉପରେ ଖଡ଼୍ଗ ପ୍ରହାର ବାଜିଯିବ। କାରଣ କୌଣସି ମୁସ୍ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟ ପିତୁଳା ବା ଠାକୁରମାନଙ୍କୁ ସମକକ୍ଷ କରୁଥିବା ବ୍ୟକ୍ତି) ପକ୍ଷେ ଏହା ଉଚିତ୍ ନୁହେଁ ଯେ, ସେ ଆଁହଜରତ ସ.ଅଙ୍କ ଦାଢିକୁ ନିଜର ଅପବିତ୍ର ହସ୍ତରୁ ସ୍ୱର୍ଶ କରୁ । ଉର୍ୱାହ୍ ନିଜର ମୁଣ୍ଡ ଉପରକୁ ଉଠାଇ କହିଲା, ଏ କିଏ ? ଲୋକମାନେ କହିଲେ, ମୁଗିରାହ୍ ବିନ୍ ଶୋବା ।

ସେହିପରି ଏକ ବର୍ଣ୍ଣନା ରହିଛି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଏ ତୁମର ପୁତୁରା ମୁଗିରାହ୍ ବିନ୍ ଶୋବା ଅଟେ । ଉର୍ୱାହ୍ ନିଜର ପୁତୁରା ମୁଗିରାହ୍ ବିନ୍ ଶୋବାକୁ କହିଲା, ହେ ଶପଥ ଭଙ୍ଗକାରୀ ଏବଂ ହେ ଅଙ୍ଗୀକାର ଭଙ୍ଗକାରୀ ! କ'ଣ ମୁଁ ତୋର ଶପଥ ଭଙ୍ଗର ସଂଶୋଧନ ନିମନ୍ତେ ଉଦ୍ୟମ କରି ନଥିଲି ? ଉର୍ୱାହ୍ ଯେଉଁ ସଂଶୋଧନର ଦ୍ୱାହି ଦେଉଛି ଓ ପ୍ରାମାଣ୍ୟ ଉପସ୍ଥାପିତ କରୁଛି ତା'ର ବିସ୍ତୃତ ବିବରଣୀ ଏହିପରି ଯେ, ହ. ମୁଗିରାହ୍ ବିନ୍ ଶୋବା ର.ଅ ଅଶିକ୍ଷିତ ଯୁଗରେ କିଛି ଲୋକଙ୍କ ସହିତ ମିଶି ଗୋଟିଏ ସ୍ଥାନକୁ ଯାଇଥିଲେ । ଅତଏବ୍ ହ. ମୁଗିରାହ୍ ସେହି ଲୋକମାନଙ୍କୁ ଧନ ସକାଶେ (ଲୋଭରେ) ହତ୍ୟା କରିଦେଲେ ଏବଂ ହତ୍ୟା ପରେ ସେ ଇସ୍ଲାମ ଧର୍ମ ସ୍ୱୀକାର କରିନେଲେ ।

ନବୀ କରୀମ୍ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣାର ସୂଚନା ମିଳିଲା ସେତେବେଳେ ଆପଣ ସ.ଅ କହିଲେ, ଇସ୍ଲାମ୍ ଧର୍ମର ଯେଉଁଠି ପ୍ରସଙ୍ଗ ରହିଛି ମୁଁ ଉକ୍ତ କଥାକୁ ସ୍ୱୀକାର କରୁଛି ଯେ, ମୁଗିରା ବିନ୍ ଶୋବା ଇସଲାମ୍ ଧର୍ମ ସ୍ୱୀକାର କରି ମସୁଲମାନ ହୋଇଯାଇଛି । କିନ୍ତୁ ଧନର ଯେଉଁଠି ପ୍ରସଙ୍ଗ ରହିଛି ମୋର ଧନ ସହିତ କୌଣସି ସଂପର୍କ ନାହିଁ । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ । ସେ ଯାହା ହେଉ ଉର୍ୱାହ୍ ମଧ୍ୟ ଏପ୍ରସଙ୍ଗରେ ହ. ମୁଗିରାହ୍ ର.ଅଙ୍କ କୌଣସି ସାହାଯ୍ୟ କରିଥିବ । ପୁନଶ୍ଚ ଉର୍ୱାହ୍ ନବୀ କରୀମ୍ ସ.ଅଙ୍କ ସାହାବମାନଙ୍କୁ ଧ୍ୟାନପୂର୍ବକ ଦେଖିବାକୁ ଲାଗିଲା । ଅର୍ଥାତ୍ ଆଁହଜରତ ସ.ଅ ଯେତେବେଳେ ବି ରସୁଲୁଲ୍ଲାଃ ସ.ଅ ଛେପ ପକାଉଥିଲେ ସେତେବେଳେ ସାହାବାମାନେ ସେହି ଛେପକୁ ହାତରେ ଧରି ପାକଉଥିଲେ ଏବଂ ସେହି ଛେପକୁ ସେମାନେ ନିଜର ହାତ ଓ ଚେହେରାର ବୋଳିବାକୁ ଲାଗୁଥିଲେ । ଆଁହଜରତ ସ.ଅ ଯେତେବେଳେ ବି ସାହାବାମାନଙ୍କୁ କୌଣସି ଆଦେଶ ଦେଉଥିଲେ ସେତେବେଳେ ସାହାବାମାନେ ତୁରନ୍ତ ସେହି ଆଦେଶକୁ କାର୍ଯ୍ୟକାରୀ କରୁଥିଲେ।

ଆପଣ ସ.ଅ ଯେତେବେଳେ ୱଜୁ କରୁଥିଲେ ସେତେବେଳେ ସାହାବାମାନେ ୱଜୁର ଜଳ ପ୍ରାପ୍ତ କରିବା ନିମନ୍ତେ ଛୁଟି (ଧାଇଁ) ଆସୁଥିଲେ । ସାହାବାମାନେ ଆଁହଜରତ ସ.ଅଙ୍କ କେଶଟିଏ ମଧ୍ୟ ତଳେ ପଡ଼ିବାକୁ ଦେଉ ନଥିଲେ । ବରଂ ସାହାବାମାନେ ତାହାକୁ ପ୍ରାପ୍ତ କରି ନେଉଥିଲେ ଏବଂ ସାହାବାମାନେ ଆପଣ ସ.ଅଙ୍କ ସମ୍ମୁଖର ନିଜର ସ୍ୱରକୁ କେବଳ ତଳେ ରଖୁ ନଥିଲେ । ଅର୍ଥାତ୍ ସାହାବାମାନେ ନିଜ ସ୍ୱରକୁ ଉଚ୍ଚ କରୁ ନଥିଲେ । ବରଂ ନିଜ ମନରେ ଆଁହଜରତ ସ.ଅଙ୍କ ପ୍ରତି ଥିବା ସମ୍ମାନ ଏବଂ ମର୍ଯ୍ୟାଦା ଥିବା ହେତୁ ଆପଣ ସ.ଅଙ୍କୁ ବାଙ୍କ ଚାହାଣୀରେ ମଧ୍ୟ ଚାହୁଁ (ଦେଖୁ) ନଥିଲେ । ଆଖି ଉପରକୁ କରି ଆପଣ ସ.ଅଙ୍କୁ ସାହାବାମାନେ ଚାହୁଁ ନଥିଲେ । କେହି ବି ଆପଣ ସ.ଅଙ୍କ ଅନୁମିତ ବିନା ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରିବାକୁ ସାହାସ କରୁ ନଥିଲା । ଆଁହଜରତ ସ.ଅଙ୍କ ସହିତ ଯେତେବେଳେ କୌଣସି ବ୍ୟକ୍ତି କିମ୍ବା କୌଣସି ସାହାବା ସହିତ କଥାବାର୍ତ୍ତା କରିବାକୁ ଚାହୁଁଥିଲା ତେବେ ସେ କ୍ଷେତ୍ରରେ ଆପଣ ସ.ଅ ଅନୁମତି ମଧ୍ୟ ପ୍ରଦାନ କରୁଥିଲେ । ସେହିପରି ଆପଣ ସ.ଅ ଯେତେବେଳେ ସାକ୍ଷାତ୍ କରିବା ଅନୁମତି ପ୍ରଦାନ କରୁ ନଥିଲେ ତେବେ ପରିପ୍ରେକ୍ଷୀରେ ସାହାବାମେନ ନିରବ ରହୁଥିଲେ ।

(ଅବଶିଷ୍ଟାଂଶ.............ପରବର୍ତ୍ତୀ ସଂଖ୍ୟାରେ)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan